ବର୍ଷ-୨୬, ସଂଖ୍ୟା-୭୪
ଭୁବନେଶ୍ୱର
୧୮, ମାର୍ଚ୍ଚ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.74
Bhubaneswar
18 March, , 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଗର୍ଭବତୀ ନେଇ ମୁହଁ ଖୋଲିଲେ ନୀନା ଗୁପ୍ତା

## ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ

# ଆକ୍ରମଣାତ୍ମକ ରାଜନୀତି ନୁହେଁ, ଜନହିତକର କାର୍ଯ୍ୟ ପାଇଁ ପରିଚିତ ଥିଲେ : ରାଜନାଥ

ଭୁବନେଶ୍ୱର, ୧୭।୩(ମହାଭାରତ): ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ । ସେ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସ୍ପଷ୍ଟବାଦୀ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଥିଲେ । ଯାହା କହୁଥିଲେ, କରୁଥିଲେ, ମିଛ ପ୍ରତିଶ୍ରୁତି ଦେଉନଥିଲେ । ସମସ୍ତ

### ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ : ମୁଖ୍ୟମନ୍ତ୍ରୀ



କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲୁଥିବାର ବିରଳ ମଣିଷ ଥିଲେ ବୋଲି କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ।

ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭୁବନେଶ୍ୱର ସ୍ଥିତ ଓ.ୟୁ.ଏ.ଟି. କ୍ୟାମ୍ପସରେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ବିଜେପିର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ଶ୍ରୀ ସମୀର ମହାନ୍ତି ଉପସ୍ଥିତ ଥିଲେ । ଉତ୍ସବର ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ସ୍ମୃତି ପୁସ୍ତକ 'ଡାକ୍ତର ବାବୁ'ର ଓଡ଼ିଆ ଏବଂ ହିନ୍ଦୀ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହା ସହିତ ତାଙ୍କ ଜୀବନଯାତ୍ରାକୁ ନେଇ ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ସ୍ମୃତିଚାରଣ କରାଯାଇଥିଲା ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଡାକ୍ତର ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜଣେ 'ବିରଳ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରି କହିଥିଲେ, ସେ ଆକ୍ରମଣାତ୍ମକ ନୁହେଁ, ବରଂ ଜନହିତକର ରାଜନୀତି ପାଇଁ ପରିଚିତ ଥିଲେ । ସରଳ ଓ ନିରାଡ଼ମ୍ବର ଜୀବନ ଜିଉଁଥିବା ଏହି ନେତା ଯାହା କହୁଥିଲେ, ତାହା କରି ଦେଖାଉଥିଲେ । କହିବା ଏବଂ କରିବା ଏହି ଦୁଇଟି କାର୍ଯ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖୁଥିବା ମଣିଷ ଥିଲେ ଡାକ୍ତର ପ୍ରଧାନ । ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଶକ୍ତି ଏବଂ ରୋଜଗାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ୩୦ ବର୍ଷ ପୂର୍ବ ରାମ ମନ୍ଦିର ନିର୍ମାଣ ପାଇଁ 'ଇଟା ସଂଗ୍ରହ ଅଭିଯାନ'ରେ ତାଙ୍କର ଭୂମିକା ଏବଂ ସଂସଦରେ ଓଡ଼ିଆ ଭାଷାରେ ଶପଥ ଗ୍ରହଣ ତାଙ୍କର ଆଞ୍ଚଳିକ ପ୍ରୀତିର ପରିଚୟ ଦିଏ ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ସେବା, ତ୍ୟାଗ ଓ ନିଷ୍ଠାର ପ୍ରତୀକ ଭାବେ ଅଭିହିତ କରିଥିଲେ । ରାଜ୍ୟରେ ରାଜପଥର ସମ୍ପ୍ରସାରଣ ୧୬୦୦ କିମିରୁ ୩୨୦୦ କିମି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ତାଙ୍କର ଅନନ୍ୟ କୃତି ବୋଲି ସେ ପ୍ରକାଶ କରିଥିଲେ । ସେ କହିଥିଲେ, ବିନମ୍ରତା ଓ ଆତ୍ମୀୟଭାବ ଥିଲା ଡାକ୍ତର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ । ଭାରତୀୟ ଜନତା ପାର୍ଟିର ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ଆଚରଣ ତଥା ଉଚ୍ଚାରଣରେ ଏହା ତାଙ୍କ ଠାରେ ସର୍ବଦା ପ୍ରତିଫଳିତ ହେଉଥିଲା । କେବଳ ଜଣେ ରାଜନେତା ନୁହେଁ, ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ହିଁ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସଂଗଠନକୁ ମଜବୁତ୍ କରିବାରେ ମୁଖ୍ୟ ସୂତ୍ରଧର ସାଜିଥିଲା । ସେହିପରି ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଥିଲେ ଯେ, ଡାକ୍ତର ପ୍ରଧାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ର ଥିଲେ । ଅସୀମ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲିବାର କଳା ତାଙ୍କୁ ସ୍ୱତନ୍ତ୍ର କରିଥିଲା

## ଏସସିବି ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି

କଟକ, ୧୭।୩(ମହାଭାରତ): କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ମତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ଘଟିଛି । ଏ ନେଇ ବିଧାନସଭାରେ ଉତ୍ତର ରଖିବା ବେଳେ ସ୍ପଷ୍ଟ କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ । ମିଳିଥିବା ସୂଚନା ଅନୁଯାୟୀ କଟକ ଏସସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ନିଆଁ ଲାଗି ୧୦ ଜଣଙ୍କର ମୃତ୍ୟୁ ଘଟିଥିଲାୟ ଯେଉଁ ୱାର୍ଡରେ ନିଆଁ ଲାଗିଥିଲା, ସେଠାରେ ସେହି ସମୟରେ ପ୍ରାୟ ୨୨ ଜଣ ରୋଗୀ ଚିକିତ୍ସିତ ହେଉଥିଲେ । ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସମୟ ମିଳିନଥିଲା । ଫଳରେ ଅଧିକାଂଶ ରୋଗୀ ଶ୍ୱାସରୁଦ୍ଧ ହୋଇ ଏବଂ ନିଆଁରେ ପୋଡ଼ି ହୋଇ ପ୍ରାଣ ହରାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀର ଏକାଧିକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ।ଏହି ଘଟଣା ପରେ ମେଡିକାଲ ପରିସରରେ ଏକ ଶୋକାକୁଳ ଓ ଆତଙ୍କିତ ପରିବେଶ ସୃଷ୍ଟି ହୋଇଛି । ବାକି ରୋଗୀମାନଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ଏସ୍‌ସିବି ହସ୍ପିଟାଲ୍ ଅଗ୍ନିକାଣ୍ଡ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର, ୧୭।୩(ମହାଭାରତ): କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ପ୍ରସଙ୍ଗରେ ବିରୋଧୀ ଦଳର ବିଧାୟକମାନଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ମଙ୍ଗଳବାର ଓଡ଼ିଶା ବିଧାନସଭାରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ବିରୋଧୀ ବିଧାୟକମାନେ ହଟ୍ଟଗୋଳ ଓ ନାରାବାଜି କରିବା ସହିତ ଏହି ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଥିଲେ । ଏହାର ଫଳରେ ଆଜି ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲି ପାରି ନ ଥିଲା ।

ଗୃହର କାର୍ଯ୍ୟ ନିର୍ଦ୍ଧାରିତ ସକାଳ ୧୦.୩୦ରେ ଆରମ୍ଭ ହୋଇଥିଲା ଏବଂ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ପ୍ରଶ୍ନକାଳ



ଆରମ୍ଭ ହେବା ସହିତ ବିଜେଡି ଓ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ ଓ ନାରାବାଜୀ କରିବା ଆରମ୍ଭ କରିଦେଇଥିଲେ । ବିରୋଧୀ ଦଳର ସଦସ୍ୟମାନେ ସଦନର ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ନାରା ଦେଇଥିଲେ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଏହି ସମୟରେ ସେମାନେ ହସ୍ପିଟାଲ୍ ଦୁର୍ଘଟଣା ସମ୍ପର୍କିତ ସ୍ଲୋଗାନ୍ ଲେଖା ପ୍ଲାକାର୍ଡ ମଧ୍ୟ ପ୍ରଦର୍ଶନ କରିଥିଲେ । ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ହଟ୍ଟଗୋଳ କରୁଥିବା ବିଧାୟକମାନଙ୍କୁ ନିଜ ଆସନକୁ ଫେରି ଗୃହ କାର୍ଯ୍ୟରେସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ।

# କ୍ରସ୍ ଭୋଟିଂ ମାମଲାରେ କାର୍ଯ୍ୟାନୁଷ୍ଠାନ

## ୬ ବିଜେଡି ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୭।୩(ମହାଭାରତ): ଗତକାଲିର ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ କଂଗ୍ରେସ ପରେ ବିଜେଡି ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଏନେଇ ବିଜେଡି ଆଜି ଦଳର ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ତରଫରୁ ଜାରି ହୋଇଥିବା ଏହି ନୋଟିସ୍‌ରେ ଆସନ୍ତା ୨୦ ତାରିଖ ଅପରାହ୍ଣ ୫ଟା ସୁଦ୍ଧା କାରଣ ଦର୍ଶାଇବା ପାଇଁ ଉଲ୍ଲେଖ ରହିଛି । ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜୟଦେବ (ଭୁବନେଶ୍ୱର) ବିଧାୟକ ନବ କିଶୋର ମଲ୍ଲିକ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟକ ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଙ୍କୀ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କୁ ନୋଟିସ୍ ଜାରି ହୋଇଛି ।

ପ୍ରମିଳା ତାଙ୍କ ନୋଟିସରେ ଦର୍ଶାଇଛନ୍ତି ଯେ, ଗତକାଲି ଅର୍ଥାତ୍ ମାର୍ଚ୍ଚ ୧୬ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଏହି ବିଧାୟକମାନେ ବିଜେଡି ଦ୍ୱାରା ସମର୍ଥିତ ନଥିବା ଜଣେ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଛନ୍ତି, ଯାହାକୁ ଦଳ ପ୍ରତି ବିଶ୍ୱାସଘାତକତା ଓ ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯାଇଛି । ବିଶେଷକରି ମାର୍ଚ୍ଚ ୧୫ତାରିଖରେ ଅନୁଷ୍ଠିତ ବିଧାୟକ ଦଳ ବୈଠକର ନିଷ୍ପତ୍ତିକୁ ଏହି ବିଧାୟକମାନେ ଖୋଲାଖୋଲି ଉଲ୍ଲଘଂନ କରିଛନ୍ତି । ଭୋଟ୍ ଦେବାବେଳେ ଦଳର ଅଧିକୃତ ଏଜେଣ୍ଟଙ୍କୁ ଦେଖାଯାଇଥିବା ବାଲାଟ୍ ପେପରରୁ ସେମାନେ କ୍ରସଭୋଟିଂ କରିଥିବାର ମଧ୍ୟ ପ୍ରମାଣିତ ହୋଇଛି ।ତେଣୁ ସମ୍ପୃକ୍ତ ବିଧାୟକମାନଙ୍କ ବିରୁଦ୍ଧରେ କାହିଁକି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରାଯାଇଛି । ସେହିପରି ବିଧାୟକମାନଙ୍କର ଏଭଳି ଆଚରଣ ପ୍ରମାଣିତ କରୁଛି ଯେ ସେମାନେ ସ୍ୱଇଚ୍ଛାରେ ବିଜେଡିର ସଦସ୍ୟତା ତ୍ୟାଗ କରିଛନ୍ତି । ଏଥିପାଇଁ ସେମାନଙ୍କ ବିରୋଧରେ କାହିଁକି ଆଇନଗତ ପଦକ୍ଷେପ ଆରମ୍ଭ କରାନଯିବ ତା'ର ଜବାବ ମଗାଯାଇଛି ।

## କଂଗ୍ରେସରୁ ନିଲମ୍ବିତ ହେଲେ ୩ ବିଧାୟକ

ଭୁବନେଶ୍ୱର, ୧୭।୩(ମହାଭାରତ): ରାଜ୍ୟ ସଭା ନିର୍ବାଚନରେ ଏଥର ମଧ୍ୟ କଂଗ୍ରେସରେ ଗଡ଼ବଡ଼ ପରିଲକ୍ଷିତ ହୋଇଛି । କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ, ରମେଶ ଜେନା ଏବଂ ସୋଫିଆ । ଫିର୍ଦ୍ଦୋସ ପାର୍ଟିର 'ହୁଇପ୍'କୁ ନ ମାନି କ୍ରସ୍ ଭୋଟିଂ କରିଥିଲେ । ଏବେ କଂଗ୍ରେସ ଏହି ୩ ଜଣଙ୍କୁ ଦଳରୁ ନିଲମ୍ବିତ କରିଛି । ଆଇନ(ସିଡ୍ୟୁଲ-୧୦) ଅନୁଯାୟୀ, ସମ୍ପୃକ୍ତ ତିନିଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।



ସୂଚନାଯୋଗ୍ୟ, ରାଜ୍ୟ ସଭା ନିର୍ବାଚନକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଏଥର ଅଧିକ ତତ୍ପରତା ପ୍ରକାଶ ପାଇଥିଲା । ପିସିସି ସଭାପତି ଦଳର ୧୪ ବିଧାୟକଙ୍କ ସହିତ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଏକତ୍ର କରି ରଖିବାପାଇଁ ବହୁତ ଉଦ୍ୟମ କରିଥିଲେ । ୮ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବେଙ୍ଗାଲୁରୁ ଯାଇଥିଲେ । ଏହାବାଦ୍ ଓଡ଼ିଶାରେ ରହିଥିବା ୬ଜଣ ବିଧାୟକଙ୍କ ମଧ୍ୟରୁ ୩ଜଣ ପାର୍ଟି କଥା ମାନି ନ ଥିଲେ । ଭକ୍ତ କହିଛନ୍ତି, ଦାଶରଥି ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି । ରମେଶ ମୋତେ ଭେଟି ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଦେବେ ବୋଲି କଥା ଦେଇଥିଲେ । ହେଲେ ସେ ଧୋକା ଦେଇଛନ୍ତି । ତାଙ୍କ ଭବିଷ୍ୟତକୁ ମଧ୍ୟ ଅନ୍ଧାରକୁ ଠେଲି ଦେଇଛନ୍ତି । ସେହିପରି ସୋଫିଆ । ଝିଅଙ୍କ ବଡ଼ ଭବିଷ୍ୟତ ଥିବାବେଳେ ସେ ମଧ୍ୟ ଭୁଲ୍ ରାସ୍ତାରେ ଯାଇଛନ୍ତି । ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିବୁ । ଆବଶ୍ୟକ ପଡ଼ିଲେ ସୁପ୍ରିମକୋର୍ଟ ଯିବୁ ବୋଲି ଭକ୍ତ କହିଛନ୍ତି ।ସେ କହିଛନ୍ତି, ଏମାନେ ଗଣମାଧ୍ୟମ ସମ୍ମୁଖରେ କଥା ହେଲାବେଳେ ସିଂହ ଭଳି ହେଉଛନ୍ତି, ମାତ୍ର କାର୍ଯ୍ୟରେ ମୂଷା ଓ ଛେଳି ଭଳି ବିକ୍ରି ହୋଇଯାଉଛନ୍ତି । ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଘୋଡ଼ା ବେପାର ପଶିଯିବାରୁ ବିଧାୟକମାନେ ଏଭଳି ଭାବେ ନିୟମ ବିରୋଧ କାର୍ଯ୍ୟ କରିଛନ୍ତି ।

## ବିଜୁ-ନବୀନ ଟ୍ରଷ୍ଟ ତଦନ୍ତ ପାଇଁ ପିଆଇଏଲ୍

ଭୁବନେଶ୍ୱର, ୧୭।୩(ମହାଭାରତ): ଚର୍ଚ୍ଚାରେ ଥିବା ବିଜୁ ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍'ର ଆର୍ଥିକ କାରବାର ନେଇ ଇଓଡବ୍ଲୁ ସିବିଆଇ/ଇଡି ଦ୍ୱାରା ଦ୍ୱାରା ତଦନ୍ତ କରାଯିବାକୁ ଆଜି ଓଡିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି ।

ଏହି ଟ୍ରଷ୍ଟ ଗଠନର ଭିତିରି ଉଦ୍ଦେଶ୍ୟ ଜାଣିବା ପାଇଁ ଟ୍ରଷ୍ଟର ଆକାଉଣ୍ଟର ଆର୍ଥିକ ଓ ଫରେନସିକ୍ ଅଡିଟ୍ ହେଉ ବୋଲି ଚଓଖରେ ଆବେଦନ କରିଛନ୍ତି ଆଡଭୋକେଟ୍ ଶିବଶଙ୍କର ମହାନ୍ତି । ଆବେଦନକାରୀ ଓକିଲ ଦର୍ଶାଇଛନ୍ତି- ଟ୍ରଷ୍ଟର ସଭାପତି ଥିବା ଭି କେ ପାଣ୍ଡିଆନଙ୍କୁ ବିଜେଡିର ସଭାପତି ନବୀନ ପଟ୍ଟନାୟକଙ୍କର ରାଜନୈତିକ ଓ ମାର୍ଗଦର୍ଶକ ବୋଲି ବିଚାର କରାଯାଏ ।

ସଚିବ ଥିବା ସନ୍ତୃପ୍ତ ମିଶ୍ର ଜଣେ ରାଜନେତା ଓ ଏବେ ରାଜ୍ୟସଭା ଯାଇଛନ୍ତି । ଟ୍ରଷ୍ଟର ଟ୍ରଷ୍ଟି ଥିବା ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜାଙ୍କ ଯାଜପୁରରେ ଝାଟି ଜଙ୍ଗଲ କିସମ ଜମି ମାଡି ବସିଥିବା କଥା ଟମକା ଫରେଷ୍ଟ ରେଞ୍ଜରଙ୍କ ମିଳିତ ତଦନ୍ତ ରିପୋର୍ଟରୁ ପ୍ରମାଣ ମିଳିଛି ।

ଏପରି ସ୍ଥଳେ ଟ୍ରଷ୍ଟକୁ ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରାଯିବା ପରିବର୍ତ୍ତ ରାଜନୈତିକ ଚାନ୍ଦା କାରବାରରେ ଏକ ଆୟୁଧ ଭାବରେ ବ୍ୟବହାର କରାଯାଇପାରେ ବୋଲି ସନ୍ଦେହ ସୃଷ୍ଟି ହୋଇଛି । ଏ ନେଇ ସେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)କୁ ଚିଠି ଲେଖିସାରିଛନ୍ତି । ତେଣୁ ଖୁବ୍ ଶୀଘ୍ର ଏ ନେଇ ବିଭିନ୍ନ ତଦନ୍ତକାରୀ ଏଜେନ୍ସି ଦ୍ୱାରା ବିସ୍ତୃତ ତଦନ୍ତ କରିବାକୁ ସେ ଆବେଦନ କରିଛନ୍ତି ।ନୀତି ଆୟୋଗ 'ଦର୍ପଣ' ପୋର୍ଟାଲରେ ସର୍ବସାଧାରଣରେ ଉପଲବ୍ଧ ତଥ୍ୟକୁ ଦେଖିଲେ 'ବିଜୁ ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍'ର ଶିକ୍ଷା, ସାହିତ୍ୟ, ପରିବେଶ, ଦାରିଦ୍ର୍ୟ ଦୂରୀକରଣ ଭଳି ବିଭିନ୍ନ ଦାତବ୍ୟ କାର୍ଯ୍ୟ କରିବ ବୋଲି ବର୍ତ୍ତମାନ ପାଇଁ ଉଲ୍ଲେଖ ରହିଛି ।

# ରାୟ ପ୍ରଦାନରେ ବିଳମ୍ବ ନ ହେବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୭।୩(ମହାଭାରତ): ଶୁଣାଣି ଶେଷ ହେବା ପରେ ରାୟ ଶୁଣାଇବାରେ ହାଇକୋର୍ଟଗୁଡିକ ପ୍ରଭୂତ ବିଳମ୍ବ କରୁଛନ୍ତି । ଏହି ବିଳମ୍ବକୁ ଏଡାଇବା ପାଇଁ ହାଇକୋର୍ଟଗୁଡିକ ପାଇଁ ସୁପ୍ରିମ୍‌କୋର୍ଟ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଯାଉଛନ୍ତି । ସୋମବାର ସୁପ୍ରିମ୍‌କୋର୍ଟ ଏ ସମ୍ପର୍କିତ ଡ୍ରାଫ୍ଟ ଗାଇଲାଇନ୍ ପ୍ରସ୍ତୁତି ଉପରେ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଆମିକସ୍ କ୍ୟୁରି ଆଡଭୋକେଟ୍ ଫୌଜିଆ ଶକିଲଙ୍କ ଦ୍ୱାରା ଦାଖଲ ହୋଇଥିବା ଡ୍ରାଫ୍ଟ ଗାଇଡଲାଇନକୁ ପ୍ରଶଂସା କରିଛନ୍ତି ଏବଂ ଆମିକସଙ୍କ ପରାମର୍ଶ ଉପରେ ହାଇକୋର୍ଟଙ୍କ ପ୍ରତିକ୍ରିୟା ମାଗିଛନ୍ତି । ପ୍ରଧାନ ବିଚାରପତି କହିଛନ୍ତି ଯେ, ପରାମର୍ଶ ଏବଂ ପ୍ରତିକ୍ରିୟାକୁ ବିଚାର କରିବା ପରେ ରାୟ ଶୁଣାଯିବ ।



ଆମେ କାହାକୁ ଟାର୍ଗେଟ କରୁନାହୁଁ । ଏହା କେବଳ ଉତ୍ତରଦାୟିତ୍ୱ ବୃଦ୍ଧି ଓ ଅନୁଷ୍ଠାନକୁ ମଜବୁତ କରିବା ପାଇଁ ଉଦ୍ଦିଷ୍ଟ । ଆମେ ଏକ ସପ୍ତାହ ଅପେକ୍ଷା କରିବୁ, ଏହା ପରେ ଆମେ ଆଦେଶ ଜାରି କରିବୁ ବୋଲି ପ୍ରଧାନ ବିଚାରପତି କହିଛନ୍ତି । ଶକିଲ ସୂଚନା ଦେଇଛନ୍ତି ଯେ, ଏହି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ପରେ ମକଦ୍ଦମାକାରୀ ଓ ଓକିଲଙ୍କଠାରୁ ମିଳିଥିବା ମତାମତ ଅନୁଯାୟୀ ହାଇକୋର୍ଟରେ ସ୍ଥିତିରେ ସୁଧାର ଆସିଛି । ପ୍ରଧାନ ବିଚାରପତି କହିଛନ୍ତି ଯେ, ହାଇକୋର୍ଟରେ ବହୁତ ଭଲ ବିଚାରପତି ଅଛନ୍ତି ଏବଂ ବେଳେବେଳେ ସେମାନେ ଯଥାସମ୍ଭବ ମାମଲାର ଶୁଣାଣି ପାଇଁ ଅତ୍ୟଧିକ ପ୍ରତିବଦ୍ଧତା ହେତୁ ବିଳମ୍ବ ହୁଏ । କେତେକ ଆପରାଧିକ ମାମଲାରେ ରାୟ ଦେବାରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ବିଳମ୍ବକୁ ଚ୍ୟାଲେଞ୍ଜ କରି ଏକ ଆବେଦନର ଶୁଣାଣି କରିବା ସମୟରେ କୋର୍ଟ ଏହି ପ୍ରସଙ୍ଗ ଉଠାଇଥିଲେ । ସୁପ୍ରିମ୍‌କୋର୍ଟ ଏହି ବୃହତ୍ତର ପ୍ରସଙ୍ଗକୁ ଯିବା ଲାଗି ନିଷ୍ପତ୍ତି ନେଇଥିଲେ ଏବଂ ବିଚାରାଧୀନ ରାୟ ସମ୍ପର୍କରେ ସମସ୍ତ ହାଇକୋର୍ଟଙ୍କଠାରୁ ବିସ୍ତୃତ ବିବରଣୀ ଲୋଡ଼ିଥିଲେ । ସଂରକ୍ଷିତ ରାୟ ଘୋଷଣା ଏବଂ ହାଇକୋର୍ଟଙ୍କ ୱେବ୍‌ସାଇଟ୍‌ରେ ବିଳମ୍ବିତ ରାୟ ପ୍ରକାଶ କରିବା ପାଇଁ ଆମିକସ୍ ସର୍ବାଧିକ ତିନି ମାସର ସମୟ ପ୍ରସ୍ତାବ ଦେଇଛନ୍ତି ।

ଡ୍ରାଫ୍ଟ ଗାଇଡଲାଇନରେ ସୁପାରିସ କରାଯାଇଛି ଯେ, ହାଇକୋର୍ଟମାନେ ସଂରକ୍ଷଣ ତାରିଖଠାରୁ ତିନି ମାସ ମଧ୍ୟରେ ଯୁକ୍ତିଯୁକ୍ତ ରାୟ ପ୍ରଦାନ କରିବାକୁ ଚେଷ୍ଟା କରନ୍ତୁ ଏବଂ ସଂରକ୍ଷଣ ଓ ଘୋଷଣା ମଧ୍ୟରେ ସମୟ ବ୍ୟବଧାନକୁ ହ୍ରାସ କରିବା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର ଗ୍ରହଣ କରନ୍ତୁ । ପରାମର୍ଶରେ ଦର୍ଶାଯାଇଛି ଯେ ଯେଉଁ ତାରିଖରେ ରାୟ ସଂରକ୍ଷିତ ଅଛି ତାହା ହାଇକୋର୍ଟର ୱେବ୍‌ସାଇଟ୍‌ରେ ପ୍ରତିଫଳିତ ହେବା ଉଚିତ ଏବଂ ମାମଲାଗୁଡିକ ଅଯୌକ୍ତିକ ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ 'ଆଂଶିକ ଶୁଣାଣି' ଭାବରେ ଦେଖାଯିବା ଉଚିତ ନୁହେଁ ।

## ଖୋର୍ଦ୍ଧା ରୋଡ଼ ରେଳ ପ୍ରବନ୍ଧକ ଭାବେ ପି.କେ. ବେହେରାଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୧୭।୩(ମହାଭାରତ): ଭାରତୀୟ ରେଳବାଇର ଜଣେ ବରିଷ୍ଠ ଅଧିକାରୀ ତଥା ଭାରତୀୟ ରେଳବାଇ ବୈଦ୍ୟୁତିକ ଇଞ୍ଜିନିୟରିଂ ସେବାର ସଦସ୍ୟ ଶ୍ରୀ ପି.କେ. ବେହେରାଙ୍କୁ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଶ୍ରୀ ବେହେରା ବର୍ତ୍ତମାନ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଭାବେ କାର୍ଯ୍ୟରତ ଅଛନ୍ତି । ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ନିଜର ବର୍ତ୍ତମାନର ଦାୟିତ୍ୱ ସହିତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍-ଚାର୍ଜ) ଭାବେ କାର୍ଯ୍ୟ ନିର୍ବାହ କରିବେ । ଭାରତୀୟ ରେଳବାଇରେ ଶ୍ରୀ ବେହେରାଙ୍କର ଦୀର୍ଘ ଦିନର ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ରହିଛି । ପୂର୍ବତଟ ରେଳପଥର ଏହି ଗୁରୁତ୍ୱପୂର୍ଣ୍ଣ ମଣ୍ଡଳର ସମସ୍ତ କାର୍ଯ୍ୟ ଏହା ଦ୍ୱାରା ଅଧିକ ତ୍ୱରାନ୍ୱିତ ହୋଇପାରିବ ।

## କାବୁଲରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୪୦୦ ମୃତ

ନୂଆଦିଲ୍ଲୀ ୧୭।୩(ମହାଭାରତ): ପାକିସ୍ତାନ ଦ୍ୱାରା କାବୁଲରେ ହୋଇଥିବା ବଡ ଧରଣର ଏୟାରଷ୍ଟ୍ରାଇକରେ ବଡ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ଘଟିଛି । ପାକିସ୍ତାନର ଏମିତି କାପୁରୁଷପଣ କାର୍ଯ୍ୟକୁ ନେଇ କଡା ପ୍ରତିକ୍ରିୟା ଦେଇଛି ଭାରତ । ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ନେଇ କଡା ବୟାନ ଜାରି କରି କହିଛି ଯେ, ଏହା ଅମାନବୀୟ ଓ ନିନ୍ଦନୀୟ । ଏହା ସହିତ ଅନ୍ତର୍ଜାତୀୟ ସମୁଦାୟକୁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କାବୁଲ ସ୍ଥିତ ଓମିଦ ଏଡିକ୍ସନ ଟ୍ରିଟମେଣ୍ଟ ହସ୍ପିଟାଲରେ ହୋଇଥିବା ଏୟାରଷ୍ଟ୍ରାଇକର କଡା ନିନ୍ଦା କରିଛି । ମନ୍ତ୍ରଣାଳୟ ଅନୁସାରେ, ମାର୍ଚ୍ଚ ୧୬ ରାତିରେ ଏହି ହମଲା ବର୍ବର, କାପୁରୁଷପଣ ଓ ଅମାନବୀୟ ଅଟେ ।ଏଥିରେ ବହୁ ସଂଖ୍ୟାରେ ନିର୍ଦ୍ଦୋଷ ନାଗରିକଙ୍କ ପ୍ରାଣହାନୀ ଘଟିଛି ।



ପାକିସ୍ତାନଏବଂ ଆଫଗାନିସ୍ତାନ ମଧ୍ୟରେ ପରିସ୍ଥିତି କ୍ରମଶଃ ଉତ୍ତେଜନାପୂର୍ଣ୍ଣ ହେବାରେ ଲାଗିଛି । ଗତ କିଛି ଦିନ ଧରି ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରିଆସୁଛନ୍ତି । ଆଫଗାନିସ୍ତାନ ଅଭିଯୋଗ କରିଛି, ସୋମବାର-ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନ କାବୁଲର ଏକ ହସ୍ପିଟାଲ ଉପରେ ଏୟାର୍ ଷ୍ଟ୍ରାଇକ୍ କରିଛି । ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣରେ ୪୦୦ ଜଣ ଲୋକଙ୍କ ଜୀବନ ଯାଇଛି । କାବୁଲରେ ଏକ ନିଶା ପୁନର୍ବାସ କେନ୍ଦ୍ର ଉପରେ ପାକିସ୍ତାନୀ ସେନାର ବୋମାମାଡ଼ ପରେ ଇସଲାମିକ୍ ଏମିରେଟ୍ ଅଫ୍ ଆଫଗାନିସ୍ତାନର ଉପ ମୁଖପାତ୍ର ହମଦୁଲ୍ଲା ଫିତରତ କହିଛନ୍ତି ଯେଳ ମୃତ୍ୟୁ ସଂଖ୍ୟା ୪୦୦କୁ ବୃଦ୍ଧି ପାଇଛି ଏବଂ ଆହତଙ୍କ ସଂଖ୍ୟା ୨୫୦ରେ ପହଞ୍ଚିଛି ।

ହୋଇଥିବା ଆକ୍ରମଣରେ ହସ୍ପିଟାଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଛି । ଉଦ୍ଧାରକାରୀ ଦଳ କୋଠାରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା ଏବଂ ପୀଡିତଙ୍କ ମୃତଦେହ ଉଦ୍ଧାର କରିବା ଜାରି ରଖିଛନ୍ତି । ଆଫଗାନିସ୍ତାନରେ ହୋଇଥିବା ଏହି ଆକ୍ରମଣରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି । ତାଲିବାନ ଦାବି କରିଛି ଯେ ଏହି ଆକ୍ରମଣ ପାକିସ୍ତାନ ଦ୍ୱାରା କରାଯାଇଛି ଏବଂ କହିଛି ଯେ ଏପରି ଆକ୍ରମଣ ମାନବତା ବିରୋଧୀ ।ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କହିଛି ଯେ, ଏହି ହସ୍ପିଟାଲ ଏମିତି ଏକ ସଂସ୍ଥା ଥିଲା, ଯାହା ଉପରେ କୌଣସି ବି ସ୍ଥିତିରେ ସୈନ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ।

# ବେସନ ବର୍ଫି

**ଆବଶ୍ୟକ ସାମଗ୍ରୀ:** ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



..... ପରଦା ଖବର ......

# ବିବାହର ୧୦ ବର୍ଷ ପରେ ଦିବ୍ୟାଙ୍କା-ବିବେକଙ୍କ ଘରକୁ ଆସିବେ ନୂଆ ଅତିଥି

ଦିବ୍ୟାଙ୍କା ତ୍ରିପାଠୀ ଏବଂ ବିବେକ ଦହିୟା ଉଭୟେ ଟିଭି ଜଗତର ଲୋକପ୍ରିୟ ଦମ୍ପତିମାନଙ୍କ ମଧ୍ୟରୁ ଜଣେ । ସେମାନଙ୍କ ଯୋଡ଼ିକୁ ଅନେକ ଲୋକ ଖୁବ୍ ପସନ୍ଦ କରିଥାଆନ୍ତି । ପ୍ରଶଂସକମାନେ ଦୀର୍ଘ ସମୟ ଧରି ଯେଉଁ ଖବର ପାଇଁ ଅପେକ୍ଷା କରିଥିଲେ ତାହା ଏବେ ସାମ୍ନାକୁ ଆସିଛି । ଦୁହେଁ ଖୁବ୍ ଶୀଘ୍ର ପିତା-ମାତା ହେବାକୁ ଯାଉଛନ୍ତି ବୋଲି କୌଣସି ଏକ ସୂତ୍ରରୁ ଜଣାପଡିଛି । ଯାହା ଏବେ ଖୁବ୍ ଚର୍ଚ୍ଚା ସୃଷ୍ଟି କରିଛି ଯଦିବ୍ୟାଙ୍କା ତ୍ରିପାଠୀ ଏବଂ ବିବେକ ଦହିୟାଙ୍କ ବିବାହକୁ ୧୦ ବର୍ଷ ହୋଇଗଲାଣି । ସେମାନେ ତାଙ୍କ ଜୀବନରେ



ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି । ଏନେଇ ସେମାନଙ୍କ ପରିବାର ଖୁବ୍ ଉତ୍ସାହିତ ରହିଛନ୍ତି ଏବଂ ନୂଆ ଅତିଥିଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଦିବ୍ୟାଙ୍କା ଏବଂ ବିବେକ ସେମାନଙ୍କ ପ୍ରେଗ୍ନେସିକୁ ନେଇ ଅଫିସିଆଲ ଭାବେ କୌଣସି ଘୋଷଣା କରିନାହାଁନ୍ତି ।ସେମାନେ ବ୍ୟକ୍ତିଗତ ଜୀବନ ବଞ୍ଚିବାକୁ ଖୁବ୍ ପସନ୍ଦ କରିଥାଆନ୍ତି । ଏହି ଖୁସି ଖବର କେବଳ ତାଙ୍କ ପରିବାର ଜାଣନ୍ତି ବୋଲି ସେମାନଙ୍କ ନିକଟତର ଲୋକମାନେ କହିଛନ୍ତି । ଏଥି ସହ ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ, ଦମ୍ପତି ଖୁବ୍ ଶୀଘ୍ର 'ବେବି ସାୱାର' ସେରିମନିର ଆୟୋଜନ କରିପାରନ୍ତି ବୋଲି ଆଶା କରାଯାଉଛି । ଯେଉଁଥିରେ ଟିଭି ଇଣ୍ଡଷ୍ଟ୍ରି ଏବଂ ସେମାନଙ୍କ ବନ୍ଧୁ ଓ ପରିବାର ଲୋକ ସାମିଲ ହେବେ ଯଆପଣଙ୍କୁ ଜଣାଇ ରଖୁଛୁ ଯେ, ଦିବ୍ୟାଙ୍କା ଓ ବିବେକ ପ୍ରଥମ ଥର ପାଇଁ ଲୋକପ୍ରିୟ ଟିଭି ଶୋ ୟେ ହୈ ମୋହବତେଁ ସେଟରେ ଦେଖା ହୋଇଥିଲେ । ଯେଉଁଠାରେ ସେମାନଙ୍କ ବନ୍ଧୁତା ପରେ ଧୀରେ ଧୀରେ ପ୍ରେମରେ ପରିଣତ ହୋଇଥିଲା । ଏହି ଦମ୍ପତି ୮ ଜୁଲାଇ ୨୦୧୬ରେ ଭୋପାଳରେ ବିବାହ କରିଥିଲେ।

# ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଖାଆନ୍ତୁ ସଜନା ଶାଗ

ମୋବାଇଲ କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ଆଖି ଜନିତ ସମସ୍ୟା ଦେଖାଦେଇଥାଏ । ମୋବାଇଲ ଓ କମ୍ପ୍ୟୁଟରରୁ ବାହାରୁଥିବା ଆଲୋକ ଦୃଷ୍ଟି ଶକ୍ତିକୁ କମ୍ କରିଥାଏ । ହେଲେ କିଛି ଘରୋଇ ଉପଚାର ଦ୍ୱାରା ଆଖିର ଦୃଷ୍ଟିଶକ୍ତି ବଢିପାରିବ । ଆସନ୍ତୁ ଜାଣିବା ଏହି ଘରୋଇ ଉପଚାର ବିଷୟରେ

ସଜନା ଶାଗ: ବାଡି ବଗିଚାରେ ମିଳୁଥିବା ସଜନା ଶାଗ ଶରୀର ପାଇଁ ବେଶ ଉପକାରୀ । ଆଖିର ଦୃଷ୍ଟିଶକ୍ତି ବଢାଇବା ପାଇଁ ବେଶ ସହାୟକ ହୋଇଥାଏ ସଜନା ଶାଗ । ଶାଗରେ ପ୍ରଚୁର ପରିମାଣରେର ଆଇରନ ଥିବାରୁ ଆଖି ପାଇଁ ଏହା ଉପକାରୀ ।

ଗାଜର: ଗାଜରରେ ଭିଟାମିନ-ଏ ଥାଏ । ଏଣୁ ଏହାକୁ ପ୍ରତିଦିନ ଖାଇବା ଦ୍ୱାରା ବା ଜୁସ୍ ପିଇବା ଦ୍ୱାରା ଦୃଷ୍ଟିଶକ୍ତି ବଢେ ।

ଦେଶୀ ଘିଅ : ଆଖି ପାଇଁ ଦେଶୀ ଘିଅ ଖୁବ ଉପଯୋଗୀ । କାନ ପଟିରେ ଦେଶୀ ଘିଅ ହାଲକା ଭାବେ ପ୍ରତିଦିନ ୫-୧୦ ମିନିଟ ମସାଜ କଲେ ଆଖିର ଦୃଷ୍ଟିଶକ୍ତି ବଢିଥାଏ ।

ବାଦାମ: ପ୍ରତିଦିନ ରାତିରେ ୬-୭ଟି ବାଦାମ ପାଣିରେ ଭିଜାଇ ରଖନ୍ତୁ । ଏହାକୁ ସକାଳେ ଚୋପା ଛଡେଇ ଖାଇଲେ ଆଖି ପାଇଁ ଭଲ ।

ଜିରା : ଜିରା ଓ ମିଶ୍ରୀକୁ ସମାନ ମାତ୍ରାରେ ଗୁଣ୍ଡ କରି ପ୍ରତିଦିନ ଏକ ଚାମଚ ଘିଅ ସହ ଖାଇଲେ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

ସୋରିଷ ତେଲ : ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତଳି ପାଦରେ ସୋରିଷ ତେଲ ମାଲିସ କଲେ ଭଲ । ଏହା ମଧ୍ୟ ଆଖିର ଦୃଷ୍ଟି ଶକ୍ତି ବଢାଇବାରେ ସାହାଯ୍ୟ କରିବ ।

ଗ୍ରୀନଟି: ଦିନକୁ ୨ରୁ ୩ କପ ଗ୍ରୀନ ଟି ପିଅନ୍ତୁ, ଆଖିକୁ ସୁସ୍ଥ ରଖନ୍ତୁ ।

# ବୁଲିବାକୁ ଯାଆନ୍ତୁ ସେଣ୍ଟ ଥୋମାସ ଦୁର୍ଗ

କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ ହେଉଛି ଥଙ୍ଗାସେରୀ । ଏଠାରେ ରହିଛି ଏକ ପ୍ରାଚୀନ ଦୁର୍ଗ,ଯାହାର ନାଁ ହେଲା ଥଙ୍ଗାସେରୀ ଦୁର୍ଗ । ସେଣ୍ଟ ଥୋମାସ ଦୁର୍ଗ ଭାବେ ବି ଏହା ପରିଚିତ । ଥଙ୍ଗାସେରୀ ହେଉଛି କେରଳର କୋଲ୍ଲାମ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ,ଯେଉଁଠାରେ ରହିଛି ପ୍ରାଚୀନ ଥଙ୍ଗାସେରୀ ଦୁର୍ଗ । ଏହି ଦୁର୍ଗ ସେଣ୍ଟ ଥୋମାସ୍ ଦୁର୍ଗ ନାମରେ ବି ପରିଚିତ । କେରଳ ରାଜ୍ୟର ରାଜଧାନୀ ଥିରୁଭାନନ୍ଥପୁରମ ଠାରୁ ୭୧କି.ମି ଏବଂ କୋଲ୍ଲାମ୍ ସହରଠାରୁ ପ୍ରାୟ ୫କି.ମି ଦୂରରେ ଥିବା ଏହି ଦୁର୍ଗ ନିକଟକୁ ବୁଲିବାକୁ ଗଲେ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ମିଳେ । ଖାସ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ ଭିଡ଼ ପରିଲକ୍ଷିତ ହୋଇଥାଏ ।



କେବେ ଓ କେମିତି ଯିବେ

ଶୀତ ଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଯାଇଥାଆନ୍ତି । ଖାସ କରି ଅକ୍ଟୋବରରୁ ଫେବୃଆରୀ ଭିତରେ ଏଠାରେ ଆଗନ୍ତୁକଙ୍କର ବେଶ ଭିଡ଼ ଦେଖିବାକୁ ମିଳିଥାଏ । ସେହିପରି ଏଠାକୁ ଯିବା ପାଇଁ ପରିବହନର ତିନୋଟି ମାଧ୍ୟମର ସୁବିଧା ରହିଛି । ତ୍ରିବେନ୍ଦ୍ରମ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର । ଯାହା ଥଙ୍ଗାସେରୀ ଦୁର୍ଗଠାରୁ ପ୍ରାୟ ୭୦କି.ମି ଦୂରରେ ଅବସ୍ଥିତ। ଉକ୍ତ ବିମାନବନ୍ଦର ନିକଟରୁ ଥଙ୍ଗାସେରୀ ଦୁର୍ଗକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ବି ରହିଛି । ଅନ୍ୟ ପଟେ କୋଲ୍ଲାମ୍ ଜଙ୍କସନ୍ ରେଲୱେ ଷ୍ଟେସନ ହେଉଛି ଥଙ୍ଗାସେରୀ ଦୁର୍ଗର ନିକଟତମ ତଥା ଏକ ପ୍ରମୁଖ ରେଲଷ୍ଟେସନ । ତା ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ ବି ଯା ଆସ କରିଥାଏ । ଏଠାରେ ଥଙ୍ଗାସେରୀ ଦୁର୍ଗ ବ୍ୟତୀତ ଆହୁରି ଅନେକ ଦର୍ଶନୀୟ ସ୍ଥାନ ବି ବୁଲି ଦେଖିହୁଏ । ତନ୍ମଧ୍ୟରୁ ଥଙ୍ଗାସେରୀ ବିଚ,କୋଲ୍ଲାମ ବନ୍ଦର,ଇନଫାଣ୍ଟ ଜେସସ୍ କାଥେଡ୍ରାଲ,ଲାଇଟ ହାଉସ ଇତ୍ୟାଦି ଅନ୍ୟତମ । ତେଣୁ ଇତିହାସରେ ରୁଚି ରଖୁଥିବା ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଖାସ ପର୍ଯ୍ୟଟନସ୍ଥଳୀ କହିଲେ ଆଦୌ ଭୁଲ ହେବନାହିଁ ।

# କଟକର ଅଧୀଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ............



କଟକର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ । ତାଙ୍କୁ ନେଇ କଟକ ସହର ପରିଚିତ। ଏହି ସହରର ଶେଖ ବଜାରରେ ରହିଛି ମା'ଙ୍କର ଏହି ମନ୍ଦିର । ମା'ଙ୍କ ମନ୍ଦିର ନିର୍ମାଣ ପଛର କିମ୍ବଦନ୍ତୀ ଓ ମା' କିପରି ଅର୍ବିଭାବ ହୋଇଥିଲେ ଏହାକୁ ନେଇ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ।କିଏ କୁହନ୍ତି ମରହଟ୍ଟା ଶାସନ କାଳରେ ମା' ବାରବାଟୀ ଦୁର୍ଗ ମଧ୍ୟରେ ପୂଜା ପାଉଥିଲେ । ଶୋଡୋଶ ଶତାବ୍ଦୀରେ କଳାପାହାଡର ଆକ୍ରମଣ ବେଳେ ମା' ନିଜ ସ୍ଥାନରୁ ହଟି ଦୁର୍ଗର ଦକ୍ଷିଣ ପାଶ୍ୱରେ ରହିଥିଲେ । କିଛି ସ୍ଥାନୀୟ ଲୋକ କୁହନ୍ତି ବହୁ ବର୍ଷ ପୂର୍ବେ ବାରବାଟୀ ଦୁର୍ଗର ଜଙ୍ଗଲ ଅଞ୍ଚଳକୁ ଗାଈ ଚରାଇବାକୁ ଯାଉଥିଲେ ଶେଖ ବଜାର ଅଞ୍ଚଳର ଗଉଡ଼ ପୁଅ ମାନେ । ଦିନେ ଜଣେ ଗଉଡ଼ ଦୁର୍ଗ ଉପରେ ବସିଥିବା ବେଳେ ତାଙ୍କ ଶରୀରରେ ଏକ ଅପୂର୍ବ ଶୀହରଣ ଖେଳି ଯାଇଥିଲା । ସେଦିନ ରାତିରେ ଗଉଡ଼ ପୁଅକୁ ମା' ସ୍ୱପ୍ନରେ କହିଥିଲେ ସେହି ଦୁର୍ଗର ପଥର ତଳେ ମା' ରହିଛନ୍ତି । ସେ ଭକ୍ତ ଜଣକ ମନ୍ଦିର ପୂଜକକୁ ଜଣାଇଥିଲେ ଓ ପୂଜକ ଜଣକ ରାଜାଙ୍କୁ ଜଣାଇ ଥିଲେ । ସେତେବେଳର କନିକା ରାଜା ସେହି ଦୁର୍ଗରସ୍ଥାନ ଖୋଳାଇବାରୁ ମା' ଙ୍କ ମୂର୍ତ୍ତି ବାହାରିଥିଲା । ସେଠୁ ମା' ଗଉଡ଼ ମାନଙ୍କ ମୁଣ୍ଡରେ ବସି ଆସିଥିଲେ । ଆସୁଥିବା ସମୟରେ ମା'ଏବେକାର ଚଣ୍ଡୀ ଛକ ନିକଟରେ ଅଟକି ଯାଇଥିଲେ। ସେଠାରୁ ମା' ଙ୍କୁ ନେବାକୁ ଆଉ ସମ୍ଭବପର ହୋଇପାରିନଥିଲା ।ତେଣୁ ସେହି ଛକ ନିକଟରେ ଥିବା ବଉଳ ଗଛ ମୂଳରେ ମା'ଙ୍କ ମୂର୍ତ୍ତି ସ୍ଥାପନ ହେଲା ।ସେହିକାଳରୁ ମା' ଏହି ସ୍ଥାନରେ ପୂଜା ପାଇ ଆସୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମା'ଙ୍କୁ ଦୁର୍ଗରୁ ଖୋଳାଯାଇ ବାହାର କରିବା ପୂର୍ବରୁ ସେହି ସ୍ଥାନରୁ ପ୍ରାୟ ୪୨ ବସ୍ତା ନାଲି ସିନ୍ଦୁର ବାହାରିଥିଲା । ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମା'ଙ୍କ ଷୋହଳ ଦିନାତ୍ମକ ପୂଜା ଓ ଶୋଡ଼ଶ ବେଶ ଏହି ମନ୍ଦିରର ଏକ ବିଶେଷତା ଅଟେ ।

# ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର, ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା

ଋଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଗର୍ଭଗୃହରେ



ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ। ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ ଯପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆର୍ବିଭିତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା ।କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା। ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଅବଧୂତ ଗୁଷିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା ।ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା। ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର ।ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି ।ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ। ଏହି ଶୈବ ପୀଠର ମହାତ୍ମ୍ୟ ଅପାର ଯ ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।

# ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନିଅ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ-୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି। ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକମାନଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ପ୍ରଦାନ କରିପାରିଛି। ନୂଆଦିଲ୍ଲୀର ଓଡ଼ିଆ ସମାଜକୁ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ଓ ବିଶ୍ୱସ୍ତରରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରିଚୟକୁ ପ୍ରଚାର ପ୍ରସାର କରିବାରେ ଅନୁଷ୍ଠାନର ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ ଯାହା ସମାନତା, ସମନ୍ୱୟ ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ୀ ପରେ ପିଢ଼ୀକୁ ପ୍ରେରିତ କରିଆସିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦବୋଧନରେ ଅବତାରଣା କରିଥିଲେ। ଏତଦବ୍ୟତୀତ ଓଡ଼ିଶା ନିଜ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ଶିକ୍ଷା, ନବସୃଜନ ଓ ଆର୍ଥିକ ସୁଯୋଗର ଏକ କେନ୍ଦ୍ର ଭାବେ ଅଗ୍ରସର ହେଉଛି ଏବଂ ଭାରତର ପ୍ରଗତି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାର ଅପାର ସମ୍ଭାବନା ରଖିଛି ବୋଲି ରାଜ୍ୟପାଳ କହିଥିଲେ।



# ରାସ୍ତାଘାଟରୁ ହଟିବେ ଶିଶୁ ଭିକ୍ଷୁକ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆୟୋଗର ଅଧକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୋଲିସ ଅଧିକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ଉନ୍ମୂଳନ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲ୍ଲା ଟାସ୍କ ଫୋର୍ସ' ଗଠନ କରାଯିବ। ଏହି ଟିମ୍‌ରେ ପୋଲିସ ଅଧିକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ। ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ:ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ। ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି, ସେହିଭଳି ଦଲାଲଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବସାଧାରଣଙ୍କୁ ଶିଶୁ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ। ଯଦି କେହି ଏପରି ଘଟଣା ଦେଖନ୍ତି, ତେବେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନକୁ ସୂଚନା ଦେବାକୁ କୁହାଯାଇଛି। ଏହି ଅଭିଯାନ ସମ୍ପର୍କରେ ପ୍ରତି ମାସରେ ଏକ ଅନୁପାଳନ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ସମସ୍ତ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।



# ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କୁ ଏଆଇ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ 'ପ୍ରମ୍ପ୍ଟ ଇଞ୍ଜିନିୟରିଂ, ଡାଟା ଆନାଲିଟିକ୍ସ ଏବଂ ଏଆଇ ମାଧ୍ୟମରେ ପିପିଟି ପ୍ରସ୍ତୁତି, ବିଭିନ୍ନ ଏଆଇ ମଡେଲ ବ୍ୟବହାର କରି ଗଭୀର ଅନୁସନ୍ଧାନ' ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଲକ୍ଷ୍ମୀସାଗର, ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସମେତ ପ୍ରାୟ ୧୦୦ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ, ନିଷ୍ପତ୍ତି ଗ୍ରହଣ ପାଇଁ ଡାଟା ଆନାଲିଟିକ୍ସ ଏବଂ ଏଆଇ ଟୁଲ୍ସ ବ୍ୟବହାର କରି ପ୍ରେଜେଂଟେସନ୍ ପ୍ରସ୍ତୁତି ପରି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ଅଧିବେଶନରେ ବିଭିନ୍ନ ଏଆଇ ପ୍ଲାଟଫର୍ମ ବ୍ୟବହାରର ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରାଯାଇଥିଲା ଏବଂ କିପରି ଏହି ଜ୍ଞାନକୌଶଳ ଅଧିକାରୀମାନଙ୍କୁ ରିପୋର୍ଟ ପ୍ରସ୍ତୁତି, ତଥ୍ୟ ବିଶ୍ଳେଷଣ, ଅନୁସନ୍ଧାନ ଏବଂ ଉପସ୍ଥାପନାକୁ ଅଧିକ ଦ୍ରୁତ ଓ ସଂଗଠିତ ଭାବରେ କରିବାରେ ସାହାଯ୍ୟ କରିପାରିବ, ତାହା ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଡିଜିଟାଲ୍ ଦକ୍ଷତା ବୃଦ୍ଧି କରିବା, ଯାହାଫଳରେ ସେମାନେ ସେମାନଙ୍କର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ ଏଆଇ-ଭିତ୍ତିକ ସାଧନଗୁଡ଼ିକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବେ। ଏହା ଦ୍ୱାରା ସରକାରୀ ସେବାଗୁଡ଼ିକ ଲୋକଙ୍କ ପାଖରେ ଅଧିକ ସଠିକ୍ ଓ ଶୀଘ୍ର ପହଂଚିପାରିବ।

# ଶିକ୍ଷା ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ। ପିଲାମାନେ ବହିରୁ ଯାହା ପଢ଼ନ୍ତି, ତା'ଠାରୁ ଅଧିକ ସେମାନେ ନିଜ ପରିବେଶ ଓ ଅନୁଭୂତିରୁ ଶିଖନ୍ତି। ପାରମ୍ପରିକ ଶିକ୍ଷାର ସୀମା ଲଂଘି ପିଲାଙ୍କୁ ଅନୁଭୂତିମୂଳକ ଶିକ୍ଷା ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆଜି ସମ୍ବଲପୁରର ଭାଲୁବାହାଲରେ 'ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍'ର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ।

ଜାତୀୟ ଶିକ୍ଷା ନୀତି ୨୦୨୦ର ଗୁରୁତ୍ୱ ଏବଂ ମାତୃଭାଷା ଆଧାରିତ ଶିକ୍ଷା ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, କେବଳ ଇଂରାଜୀରେ ପଢିଲେ ପିଲାମାନେ ଗ୍ଲୋବାଲ୍ ବା ଆନ୍ତର୍ଜାତୀୟ ସ୍ତରର ହେବେ ନାହିଁ। ମାତୃଭାଷାରେ ଶିକ୍ଷା ଗ୍ରହଣ କଲେ ହିଁ ପିଲାଙ୍କ ବୁଝିବାର ଶକ୍ତି ବୃଦ୍ଧି ପାଏ ଏବଂ ସେମାନଙ୍କ ଚିନ୍ତାଧାରାରେ ସ୍ପଷ୍ଟତା ଆସିଥାଏ। ଜାପାନ, ଜର୍ମାନ ଏବଂ ଚୀନ ଭଳି ବିକଶିତ ରାଷ୍ଟ୍ରର ଉଦାହରଣ ଦେଇ ସେ କହିଛନ୍ତି ଯେ, ଏହି ଦେଶଗୁଡିକରେ ବିଜ୍ଞାନ ଓ ସର୍ବୋତ୍ତମ ଶିକ୍ଷା ନିଜ ମାତୃଭାଷାରେ ହିଁ ଦିଆଯାଏ। ତେଣୁ ଆମକୁ ମଧ୍ୟ ଆମର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ମାତୃଭାଷା ଅନୁସାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ।



କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ନର୍ସରୀରୁ କେଜି ୧ ଓ କେଜି ୨ ପର୍ଯ୍ୟନ୍ତ 'ବାଲବାଟିକା' ମାଧ୍ୟମରେ ପିଲାଙ୍କୁ ମାତୃଭାଷାରେ ପଢାଇବାକୁ ଗୁରୁତ୍ୱ ଦିଆଯାଇଛି। ପିଲାମାନେ କେବଳ ବହିରୁ ନୁହେଁ, ବରଂ ଖେଳ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ପାଠ ଶିଖୁଛନ୍ତି। ପ୍ରଥମ ଥର ପାଇଁ ପାଠ ସହ ଦକ୍ଷତାକୁ ଗୁରୁତ୍ୱ ଦିଆଯାଇଛି। ବିର୍ଲା ଓପନ୍ ମାଇଣ୍ଡସ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ମଧ୍ୟ ଏହିଭଳି ବ୍ୟବସ୍ଥା ଆପଣାଇବା ଦରକାର। ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଏବଂ କୁଦୋପାଲିର ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆମ ଶିକ୍ଷା ବ୍ୟବସ୍ଥା ଦୀର୍ଘ ଦିନ ଧରି ଗୋଲାମୀ ମାନସିକତା ଦ୍ୱାରା ପ୍ରଭାବିତ ହୋଇ ରହିଥିଲା। କିନ୍ତୁ ବର୍ତ୍ତମାନ ସମୟରେ ପିଲାମାନେ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡି ହେବା ଆବଶ୍ୟକ। ଖିଣ୍ଡା, ଦେବ୍ରିଗଡ଼ ଏବଂ ହୀରାକୁଦ ଭଳି ସ୍ଥାନ ପରିଦର୍ଶନ କରି ପିଲାମାନେ ସେହି ସ୍ଥାନରୁ ବାସ୍ତବ ଅଭିଜ୍ଞତା ହାସଲ କରିବା ଉଚିତ୍।

କ୍ଲାସରୁମ୍ ମଧ୍ୟରେ ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଦିଗରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଶ୍ରୀ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଏଆଇର ସହଯୋଗ ନେବାକୁ ସେ ସ୍କୁଲର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ସ୍କୁଲ ପରିସରରେ ବହୁତ ପରିମାଣରେ ବୃକ୍ଷରୋପଣ କରି ଏହାକୁ ଏକ ଆଧୁନିକ 'ଗୁରୁକୁଳ'ରେ ପରିଣତ କରିବାକୁ ସେ ସ୍କୁଲ ମ୍ୟାନେଜମେଣ୍ଟ କମିଟିକୁ ପରାମର୍ଶ ଦେଇଛନ୍ତି।

ସେ ଆହୁରି ସୂଚନା ଦେଇଛନ୍ତି, ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ସ୍କୁଲର ଆଧୁନିକୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୨ କୋଟି ଟଙ୍କା ବିନିଯୋଗ କରାଯିବ। ଶେଷରେ, ସମ୍ବଲପୁରକୁ ଏକ 'ଶିକ୍ଷା ହବ୍' ଭାବେ ଗଢିତୋଳିବା ସହ ସହରକୁ ସ୍ୱଚ୍ଛ ରଖିବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବିର୍ଲା ଓପନ୍ ମାଇଣ୍ଡସ୍ ସ୍କୁଲ୍ ଆଗାମୀ ଦିନରେ ଅଂଚଳର ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

# ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଭାରତୀୟ ବାସଗୃହଗୁଡିକ ଦୁଇଟି କଷ୍ଟକର ଋତୁକୁ ପ୍ରତିବର୍ଷ ସାମ୍ନା କରନ୍ତି, ତାହା ହେଉଛି ଜୋରଦାର ମୌସୁମୀ ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ଉତ୍ତାପ। ତଥାପି ଅନେକ ବାସଗୃହମାଲିକ ସାମୟିକ ସମାଧାନ ଏବଂ ଭରସାଯୋଗ୍ୟ ହୋଇନଥିବା ୱାଟରପ୍ରୁଫିଂ ସମାଧାନଗୁଡିକ ଉପରେ ସେମାନଙ୍କ ଟେରାସ୍ ଏବଂ ଛାତକୁ ସୁରକ୍ଷା ଦେବା ନିମନ୍ତେ ଭରସା କରିଥାନ୍ତି। ଏହାର ଅଧୁନାତମ ପ୍ରଚାର ଅଭିଯାନ ସହିତ ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଦୃଷ୍ଟିନିବଦ୍ଧ କରୁଛି: ତାହା ହେଉଛି ସମସ୍ତ ୱାଟରପ୍ରୁଫିଂ ସମାନ ନୁହେଁ। ୧୩ବର୍ଷରୁ ଅଧିକ କାଳ ଧରି ଏସିଆନ୍ ପେଣ୍ଟ୍ସ୍ ଡ୍ୟାମ୍ପ ପ୍ରୁଫ୍ ବାସଗୃହ ମାଲିକମାନଙ୍କୁ ସେମାନଙ୍କ ବାସଗୃହଗୁଡିକୁ ପାଣି ଝରିବା ଏବଂ ପ୍ରତିକୂଳ ପାଗ ପରିସ୍ଥିତିରେ ସୁରକ୍ଷା ଦେବାରେ ସହାୟତା କରିଆସୁଛି। ଏହି ସମାଧାନ ଏକ ମୋଟା ୱାଟର ପ୍ରୁଫିଂ ଆସ୍ତରଣ ସୃଷ୍ଟି କରିଥାଏ ଯାହା କାନ୍ଥରେ ଭେଦ କରିବାକୁ ରୋକିଥାଏ ଏବଂ ଭାରତର ପ୍ରତିକୂଳ ଜଳବାୟୁରେ ଦୀର୍ଘସ୍ଥାୟୀ ସୁରକ୍ଷା ପ୍ରଦାନ କରିଥାଏ। ବ୍ରାଣ୍ଡର ସଦ୍ୟତମ ଚଳଚ୍ଚିତ୍ରରେ ରଣବୀର କପୁର ଏବଂ ସୌରଭ ଶୁକ୍ଲା ସ୍ଥାନ ପାଇଥିବାବେଳେ ଏହା ବୁଦ୍ଧିମାନ, ମଜାଦାର ତଥା ତୀବ୍ର ବାକ୍ୟ ବିନିମୟ ହେଉଥିବା ଜୀବନ୍ତ କାହାଣୀ ବର୍ଣ୍ଣନା କରୁଛି।

# ଜୁଭେନଟିକା - ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା ଆଲୋଚନାଚକ୍ର

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଓଡ଼ିଶା ପୋଲିସ୍ ଏବଂ ୟୁନିସେଫ୍ ର ମିଳିତ ସହଯୋଗରେ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ 'ଜୁଭେନଟିକା - ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ୍ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୋଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ, ସାଇବର ନିରାପତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ପୋଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି ଏବଂ ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଉଛି। ଏଥିସହିତ ୭୧ଟି ପୋଲିସ୍ ଷ୍ଟେସନରେ 'ଶିଶୁ ଅନୁକୂଳ ସ୍ଥାନ' ର ଉନ୍ନତିକରଣ କରାଯାଇଛି ଏବଂ ଆଗାମୀ ଦିନରେ ସମଗ୍ର ଓଡ଼ିଶା ପୋଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଡିଜିଟାଲ୍ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ୍ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ସେ ଗୁରୁତ୍ୱାରୋପ



କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଂଚ) ଶ୍ରୀ ବିନୟତୋଷ ମିଶ୍ର କହିଛନ୍ତି ଯେ, ଭାରତର ଇଂଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନରୁ ବୃଦ୍ଧି ପାଇ ୨୦୨୧ରେ ୮୪୫ ମିଲିୟନରେ ପହଂଚିଛି। ସାଇବର ୱିଙ୍ଗର 'ଚିଲଡ୍ରେନ୍ ଆଣ୍ଡ ୱିମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍' ପକ୍ଷରୁ ଅନଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଶାଇନି ଏସ୍. ଇଂଟରନେଟର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ଶ୍ରୀ ପ୍ରଶାନ୍ତ କୁମାର ଦାଶ କହିଥିଲେ ଯେ, "ଶିଶୁମାନେ ଡିଜିଟାଲ୍ ଦୁନିଆର କେବଳ ନିଷ୍କ୍ରିୟ ବ୍ୟବହାରକାରୀ ନୁହଁନ୍ତି, ସେମାନେ ହେଉଛନ୍ତି ଶିକ୍ଷାର୍ଥୀ ଓ ସ୍ରଷ୍ଟା; ତେଣୁ ଡିଜିଟାଲ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ସେମାନଙ୍କ ସ୍ୱର ରହିବା ଆବଶ୍ୟକ"। ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କ ସହ ଆଲୋଚନା କରାଯାଇଥିଲା, ଯେଉଁଠାରେ ସୋସିଆଲ ମିଡିଆ ଟ୍ରେଣ୍ଡ୍ କିପରି କିଶୋର କିଶୋରୀଙ୍କ ଆଚରଣକୁ ପ୍ରଭାବିତ କରୁଛି ସେ ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନା ଚକ୍ରରେ ରେ ଶିଶୁମାନଙ୍କ ଡିଜିଟାଲ୍ ସୁରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା। ଓଡ଼ିଶା ପୋଲିସ୍ ତରଫରୁ 'ରକ୍ଷା ସାଥୀ' ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏବଂ ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀ ମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଆରମ୍ଭ କରାଯିବ।

# କୋକ୍ ଷ୍ଟୁଡ଼ିଓ କଳାକାର ଘୋଷଣା

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଭାରତରେ ଷ୍ଟ୍ରିମିଙ୍ଗ ଦୃଶ୍ୟମାନତାକୁ ନୂଆ ରୂପ ଦେବାର ତିନୋଟି ସଫଳ ସିଜିନ ପରେ, କୋକ୍ ଷ୍ଟୁଡ଼ିଓ ଭାରତ ଏହାର ସିଜିନ ୪ ସହିତ ଫେରିଛି। ଆଂଚ଼ଳିକ ଧ୍ୱନୀ ଏବଂ ପରମ୍ପରାକୁ ନୂତନ ରୂପ ଦେବା ପାଇଁ ସମଗ୍ର ଭାରତ ବର୍ଷର କଳାକାର ମାନଙ୍କୁ ଏକାଠି କରିବା ନିମନ୍ତେ ପରିଚ଼ିତ ଏହି ମଂଚ଼, ଚ଼ଳିତ ବର୍ଷ ଭାଗ ନେବାକୁ ଥିବା କଳାକାର ମାନଙ୍କ ନାମ ପ୍ରକାଶ କରି ଦି ଲିଷ୍ଟ ସହିତ ନୂତନ ସିରିଜ ଆରମ୍ଭ କରୁଛି।

ଯଦି ସିଜିନ ୩ ଦର୍ଶକଙ୍କୁ ଅର୍ଜ କିୟା ହେଁ, ଏକ ଭାରତ କବିତା ସଂସ୍କୃତିର ଆଧୁନିକ ବ୍ୟାଖ୍ୟା ଯାହାକି ଭାରତୀୟ ସଙ୍ଗୀତର ଚାର୍ଟରେ ଶୀର୍ଷରେ ଥିଲା ଏବଂ ହୋଲି ଆୟୀରେ ପରି ପାର୍ବଣ ପାଇଁ ପ୍ରସ୍ତୁତ ଗୀତ ଭେଟି ଦେଇଥିଲା, ତେବେ ସିଜିନ ୪ ଏହି ଆଲୋଚ଼ନା ଏବଂ ସଙ୍ଗୀତମୟ ଯାତ୍ରାକୁ ଭାରତର ସ୍ଥାନୀୟ ମାଟିର ଆହୁରି ଗଭୀରକୁ ନେଇଯାଉଛି।

ଚ଼ଳିତ ବର୍ଷ କଳାକାର ତାଲିକାରେ ଆଦିତ୍ୟ ରିଖାରୀ, କୁଲଟେ ଖାନ୍, ରାଭାଟୋର, ଫହିମ ଅବଦୁଲା, ଅର୍ସଲାନ ନିଜାମୀ, ମଧୁର ଶର୍ମା, ଅଶୋକ ମସ୍କୀମ, ବୈଭବ ପାଣି, ମହମ୍ମଦ ଫୈଜ, ମାମେ ଖାନ, ଖ୍ୱାବ, ଉତ୍ପଳ ଉଦିତ ଏବଂ ରେଖା ଭରଦ୍ୱାଜ ସାମିଲ ଅଛନ୍ତି, ଯେଉଁ କଳାକାର ମାନଙ୍କର ଶକ୍ତିଶାଳୀ ସମୂହ ଦେଶର ବିଭିନ୍ନ ପ୍ରାନ୍ତର, ଭିନ୍ନ ଭିନ୍ନ ସାଙ୍ଗୀତିକ ଐତିହ୍ୟ ଏବଂ ସମ୍ପୂର୍ଣ୍ଣ ଭିନ୍ନ ଶ୍ରୋତା ମାନଙ୍କୁ ଯଥାର୍ଥରେ ପ୍ରତିନିଧିତ୍ୱ କରୁଅଛି।

# ଶିଳ୍ପ ବିଭାଗ ବଜେଟ୍ 'ବିକଶିତ ଓଡ଼ିଶା'ର ପରିକଳ୍ପନାକୁ ସୁଦୃଢ଼ କରିବ

**ଭୁବନେଶ୍ୱର, ୧୭।୩ (ମହାଭାରତ):** ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ରାଜ୍ୟ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଶିଳ୍ପ ବିଭାଗର ବଜେଟ୍ ଆକଳନ ଉପସ୍ଥାପନ କରିଛନ୍ତି, ଯାହାକି ପାରିତ ହୋଇଯାଇଛି। ଏହା ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା, ପୁଞ୍ଜିନିବେଶ ଆକର୍ଷିତ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ, ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଭାଗର ଭୂମିକା ନେଇ ସୂଚନା ଦେଇଛନ୍ତି। ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା, ଶିଳ୍ପ ଭିତ୍ତିଭୂମି ନିର୍ମାଣ, ପ୍ରକଳ୍ପ ସହାୟତା ଏବଂ ପ୍ରଗତିଶୀଳ ନୀତିଗତ ଢାଞ୍ଚାର କାର୍ଯ୍ୟକାରିତା ମାଧ୍ୟମରେ ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢି ତୋଳିବାକୁ ବିଭାଗ ପକ୍ଷରୁ କରାଯାଉଥିବା ଉଦ୍ୟମ ନେଇ ସେ ସୂଚନା ଦେଇଛନ୍ତି। ଗତ ବର୍ଷକ ମଧ୍ୟରେ ଓଡିଶା ସରକାର ରାଜ୍ୟକୁ ପୁଞ୍ଜିନିବେଶ ନେଇ ଅନେକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା-ଟେକ୍ସ ୨୦୨୫, ଓଡ଼ିଶା ଫାର୍ମା ସମ୍ମିଳନୀ ଏବଂ ରାଉରକେଲାରେ ଆୟୋଜିତ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଭଳି ଜାତୀୟସ୍ତରର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ପୁଞ୍ଜିନିବେଶ ଆକର୍ଷଣ ଉଦ୍ୟମକୁ ବହୁଗୁଣିତ କରିଛନ୍ତି। ୨୦୨୫ ମସିହା ମଧ୍ୟରେ ଓଡ଼ିଶା ସରକାର ୧.୭୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶରେ ୮୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି, ଯାହା ୧.୪୩ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରାଜ୍ୟର ପୁଞ୍ଜିନିବେଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସମ୍ମିଳନୀରେ ୨୦ଟି କ୍ଷେତ୍ରରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୫୯୩ଟି ନିବେଶ ପ୍ରସ୍ତାବ ଆସିଛି, ଯାହା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ସୃଷ୍ଟି କରିଛି। ଜୁନ୍ ୨୦୨୪ ପରଠାରୁ, ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଏବଂ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ୮.୧୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ସହିତ ୩୯୨ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି, ଯାହା ମାଧ୍ୟମରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ ନିୟାମକ ପ୍ରକ୍ରିୟାରେ ଓଡିଶାର ସଂସ୍କାରକୁ ଜାତୀୟସ୍ତରରେ ବଡ଼ ସ୍ୱୀକୃତି ମିଳିଛି। ଭାରତ ସରକାରଙ୍କ ଶିଳ୍ପ ଏବଂ ଆନ୍ତରିକ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ଦ୍ୱାରା ପ୍ରକାଶିତ 'ବିଜନେସ୍ ରିଫର୍ମ



ଆକ୍ସନ୍ ପ୍ଲାନ୍' ରେ ଓଡ଼ିଶାକୁ 'ଟପ୍ ଆଚିଭର୍' ମାନ୍ୟତା ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକଳ୍ପଗୁଡ଼ିକୁ ସ୍ଥାନୀୟସ୍ତରରେ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ 'ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ଏଜେନ୍ସି' କାର୍ଯ୍ୟକ୍ଷମ ହୋଇଛି।

ରାଜ୍ୟ ସରକାର ଶିଳ୍ପ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଶିଳ୍ପାଞ୍ଚଳର ବିକାଶ, ଶିଳ୍ପ କରିଡର ଏବଂ କ୍ଷେତ୍ର-ଭିତ୍ତିକ ଶିଳ୍ପ ପାର୍କଗୁଡିକର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ନୂତନ ଫୁଡ୍ ପାର୍କ ନିର୍ମାଣ, ଖୋର୍ଦ୍ଧାରେ ଟେକ୍ସଟାଇଲ୍ ପାର୍କର ବିକାଶ, ଅନୁଗୋଳରେ ଆଲୁମିନିୟମ୍ ପାର୍କ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ସମ୍ପ୍ରସାରଣ କରାଯାଉଛି। ଏହି ସବୁ ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ରାଜ୍ୟରେ ଅନୁସଙ୍ଗିକ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହନ ଦେବା ଏବଂ ଶିଳ୍ପ ଉତ୍ପାଦନର ସମ୍ପୂର୍ଣ୍ଣ ପ୍ରକ୍ରିୟା ବା ଭାଲ୍ୟୁ-ଚେନ୍ ?କୁ ଅଧିକ ଶକ୍ତିଶାଳୀ କରିବା। ଓଡ଼ିଶାର ଶିଳ୍ପ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ସରକାର ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ମୋଟ ୧,୨୦୦ କୋଟି ଟଙ୍କା ଓ ପ୍ରତିଷ୍ଠାନ ଓ ପରିଚାଳନା ଖର୍ଚ୍ଚ ବାବଦକୁ ୭.୨୯ କୋଟି ଟଙ୍କାର ବଜେଟ୍ ବ୍ୟୟ ଅଟକଳ ପ୍ରସ୍ତାବ ରଖିଛନ୍ତି। ଏଥିରେ ଏସଆଇଡିବିଆଇ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ଏବଂ ଦୀନ ଦୟାଲ କର୍ମଚାରୀ ନିବାସ ଅଧୀନରେ ଶିଳ୍ପ ଶ୍ରମିକଙ୍କ ପାଇଁ ହଷ୍ଟେଲ ନିର୍ମାଣ ନିମନ୍ତେ ୨୪୩ କୋଟି ଟଙ୍କା, ଶିଳ୍ପାଞ୍ଚଳଗୁଡ଼ିକର ଉନ୍ନତୀକରଣ ପାଇଁ ଶିଳ୍ପ ଭିତ୍ତିଭୂମି ରକ୍ଷଣାବେକ୍ଷଣ ପାଣ୍ଠି ବାବଦକୁ ୧୬୦ କୋଟି ଟଙ୍କା ଏବଂ ପାଇପଲାଇନ ଓ ବିଦ୍ୟୁତ୍ ଯୋଗାଣ ଭଳି ବାହ୍ୟ ଭିତ୍ତିଭୂମିର ବିକାଶ ପାଇଁ ଶିଳ୍ପ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ୧୫୦ କୋଟି ଟଙ୍କା ରହିଛି।

ସରକାର 'ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା' ପାଇଁ ୧୨୫ କୋଟି ଟଙ୍କା ଏବଂ ଶିଳ୍ପ ପ୍ରକଳ୍ପ ପାଇଁ ଜମିର ଉପଲବ୍ଧତା ସୁନିଶ୍ଚିତ କରିବାକୁ 'ଲ୍ୟାଣ୍ଡ ବ୍ୟାଙ୍କ' ଯୋଜନା ଅଧୀନରେ ୧୦୧.୭୨ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଶିଳ୍ପ ଏବଂ ଚଳଚ୍ଚିତ୍ର ନୀତି ପ୍ରୋତ୍ସାହନ ପାଇଁ ୧୨୩.୨୦ କୋଟି ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତାବିତ ହୋଇଛି, ଯେଉଁଥିରେ ବୃହତ ଶିଳ୍ପଗୁଡ଼ିକୁ ଭାଟ୍ /ଜିଏସଟି ଫେରସ୍ତ ଆକାରରେ ଆର୍ଥିକ ସହାୟତା, ଆଇପିଆର ଅଧୀନରେ ସବସିଡି, ବୃହତ ଶିଳ୍ପଗୁଡ଼ିକ ପାଇଁ ସୁଧ ସବସିଡି ଏବଂ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ନୀତି ଅଧୀନରେ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ସାମିଲ ଅଛି। କ୍ଷେତ୍ରଭିତ୍ତିକ ପଦକ୍ଷେପଗୁଡ଼ିକ ମଧ୍ୟରେ ଅନୁଗୋଳସ୍ଥିତ ଆଲୁମିନିୟମ୍ ପାର୍କର ସମ୍ପ୍ରସାରଣ ପାଇଁ ୯୦ କୋଟି ଟଙ୍କା, ଶିଳ୍ପ କରିଡରର ବିକାଶ ପାଇଁ ୪୦ କୋଟି ଟଙ୍କା ଏବଂ କଳିଙ୍ଗ ଷ୍ଟୁଡିଓର ପୁନଃବିକାଶ ତଥା ଓଡ଼ିଶା ଚଳଚ୍ଚିତ୍ର ବିକାଶ ନିଗମକୁ ଅନୁଦାନ ବାବଦରେ ୪୫ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

# ଆଗକୁ ତୈଳ ସଂକଟ

ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଉତ୍କଟ ଅଭାବ ଦେଖାଦେଇଛି। ଭାରତ ନିଜ ଆବଶ୍ୟକତାର ୭୦ ପ୍ରତିଶତ ଏଲପିଜି ବିଦେଶରୁ ଆମଦାନୀ କରିଥାଏ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଯଦିଓ ସରକାର ବାରମ୍ବାର ଏକଥା କହୁଛନ୍ତି ଯେ, ଦେଶରେ ଗ୍ୟାସର ଅଭାବ ନାହିଁ ଏବଂ ଅଯଥା ଆତଙ୍କିତ ହେବା କାରଣରୁ ଏହାର ସଙ୍କଟ ସୃଷ୍ଟି ହୋଇଛ, କିନ୍ତୁ ବାସ୍ତବାରେ ଏବେ ଭାରତରେ ରନ୍ଧନ ଗ୍ୟାସର ଅଭାବ ରହିଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୫୫ ଲକ୍ଷ ବୁକିଂ ହେଉଥିବା ବେଳେ ଏବେ ଦୈନିକ ହାରାହାରି ୭୫ ଲକ୍ଷ ବୁକିଂ ହେଉଛି। ଏଥିରୁ ଲୋକେ ଆତଙ୍କିତ ହୋଇ କିପରି ଏଲପିଜି ବୁକିଂ କରୁଛନ୍ତି ତାହା ସହଜରେ ଅନୁମେୟ। ଏହି ସମସ୍ୟା ଦିନେ ଦୂର ହୋଇଯିବ। ଏବେ ଇରାନରୁ ଦୁଇଟି ଏଲପିଜି ଟ୍ୟାଙ୍କର ଭାରତ ଅଭିମୁଖେ ଆସୁଛି। ଅନ୍ୟ ବିକଳ୍ପ ଦେଶରୁ ମଧ୍ୟ ଗ୍ୟାସ ଆମଦାନୀ କରାଯାଉଛି। ତେଣୁ ଯୁଦ୍ଧ ଜାରି ରହିଲେ ମଧ୍ୟ ଅତିବେଶୀରେ ସପ୍ତାହେ, ଦୁଇ ସପ୍ତାହ ପରେ ସ୍ଥିତି ସ୍ୱାଭାବିକ ହୋଇଯିବ। ତେଣୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଉହଳ ବିକଳ ହେବା ଅନୁଚିତ। କିନ୍ତୁ ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇର୍ଣ୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା କୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ।

“

;ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ।

# ସତ୍ୟନାମର ମାହାତ୍ମ୍ୟ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତ୍ରରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆତ୍ମମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୂଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲା।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂର୍ଣ୍ଣପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।

# 'କୋଟା'ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

॥ ଡାକ୍ତର ସମ୍ରାଟ କର ॥

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଘର ଭିତରେ ଠାକୁରଙ୍କ ଫଟୋ

॥ ଅଜୟ କୁମାର ବେହେରା ॥

ଏବେ ଘର କାହାର? ଠାକୁର ପ୍ରଚାର କରି ତାଙ୍କ ଛବି ଘରେ ରଖିବାକୁ କାହାକୁ ପ୍ରଭାବିତ କରିନାହାଁନ୍ତି। ଲୋକେ କେହି ଭାବରେ, କେହି ଭକ୍ତିରେ, କେହି ପରଲୋକକୁ ଅନୁକରଣ କରି ଠାକୁରଙ୍କ ଛବି ଫଟୋ ଘରେ ପୂଜା ପାଇଁ ସନ୍ତୋଷ ପାଇଁ ଲଗାଉଛନ୍ତି। ଘରଟା ସ୍ୱର୍ଗର ଟୁକୁଡା ହୋଇପାରେ ଯେଉଁଠି ଦିଅଁଙ୍କର ଫଟୋ ନୁହେଁ ଆଦର୍ଶ ପାଳନ ହେଉଛି ଏହାକୁ କେହି ବୁଝନ୍ତିନାହିଁ। ଓଡ଼ିଶାରେ ଏକ ପୂଜା ଗୃହାରମ୍ଭ ଗୃହ ପ୍ରତିଷ୍ଠାରେ ଘଟ ତ ବସାଯାଏ ହେଲେ ଏକ ଫଟୋ ଠାକୁରଙ୍କ ପୁରୋହିତ ରଖି ପୂଜା କରନ୍ତି। ପୂଜା ଶେଷରେ ଲୋକେ ତାକୁ ଘରେ ରଖି ଠାକୁରଙ୍କୁ ପୂଜା କରନ୍ତି। ଧୂପକାଠି, ଦୀପ ଆଦି ଦେଇ ପୂଜା କରି ଚାଲନ୍ତି। ଏଇଟା ପ୍ରତି ଘରର ଏକ ହିନ୍ଦୁ ପରମ୍ପରା ଲୋକେ ଘରେ ରହିଲେ ବି ଏକ ବୃନ୍ଦାବତୀ ଚୌରା ପଦା ରହିଛି। ମୁଖ୍ୟ ଦରଜାର କବାଟ ହେଉ ବା ଦ୍ୱାର ବନ୍ଧ ଉପର ହେଉ କିଏ ହନୁମାନ କିଏ ଗଣେଶ କିଏ ବା ନାମ କିଏବା ଗାୟତ୍ରୀ ଛବି ଲଗାଇଛନ୍ତି। ସତେ ଯେମିତି ବ୍ୟକ୍ତିଙ୍କର ଘର ପାର୍ବତୀ ଅନ୍ନପୂର୍ଣ୍ଣାଙ୍କ ବାସ ଏହାର ଦ୍ୱାର ଗଣେଶ ଜଗିବେ 'ରାମଦ୍ୱାଆରେ ତୁମ ରଖବାରେ' ହନୁମାନ ରାମଦ୍ୱାର ଜଗନ୍ତି। ମାତ୍ର ରାମଙ୍କ ଆଦର୍ଶ ସେ ଗୃହରେ କାଣିଚାଏ ଅନୁଭବ ନାହିଁ ହେଲେ ଘର ଦ୍ୱାର ଦେଶରେ ହନୁମାନ ଫଟୋ ଲାଗିଛି। ଜଣଙ୍କ ମେନ ଗେଟରେ ତ୍ରିଶୂଳ ଲୁହାର ଗେଟରେ ମିସ୍ତ୍ରୀ କରି ଲଗାଇବା ବ୍ୟବସ୍ଥା କରିଛନ୍ତି ଲୋକ ଘର ମଧ୍ୟରେ ଶିବବସ କୈଳାସ ବା ଶଶି ବା ଏକମ୍ରକାନନ ପରି ପବିତ୍ର କ୍ଷେତ୍ର ହେବା କଥା। ଶିବ ଔଜର ଦାନୀ ସେ ଘରେ ଦାନ କଣ ହୁଏ କେହି ଦେଖିନାହିଁ। କ ଲୋକରେ ପ୍ରଚାର ନାହିଁ। ହେଲେ ତ୍ରିଶୂଳ ଘର ଦ୍ୱାର ଜଗୁଆଳୀ। ଶିବଙ୍କ ଶ୍ମଶାନ ବାସ ଏକ ଭିନ୍ନବାସ ଘରଟି ଶ୍ମଶାନ ଯେ ନୁହଁ ଏକଥା ତାର ସାଜ ସଜାରୁ ବେଶ ଜଣାପଡୁଛି।

ଗଙ୍ଗାମାଙ୍କ ଜଳକୁ ହିନ୍ଦୁଧର୍ମରେ ପବିତ୍ର ମନେ କରାଯାଉଛି। ଅନେକ ସ୍ତ୍ରୀ ଲୋକ ମାନସିକ ଶୁଦ୍ଧ ସ୍ନାନ ବେଳେ ଗଙ୍ଗାପାଣି ଛିଞ୍ଚି ହୋଇବା ସ୍ଥଳରେ ସଂଯୋଗ କରି ଶୁଦ୍ଧ ହେବା ମନେ କରନ୍ତି। ଏପାଇଁ ଗଙ୍ଗା ପାଣି ପ୍ରୟାଗରାଜ ହରିଦ୍ୱାର, ଗଙ୍ଗୋତ୍ରୀ ପରି ସ୍ଥାନରୁ କେହି ଆଣିଥିଲେ ଲୋକ ତାଙ୍କ ପାଖରୁ ମାଗି ଆଣୁଥିଲେ। ଏ ସମୟରେ ଭାରତୀୟ ଡାକ ବିଭାଗ ତରଫରୁ ବଡ଼ ବଡ଼ ପୋଷ୍ଟ ଅଫିସରେ ଏଗ ଙ୍ଗ ଜଳ ମିଳୁଛି। ଗଙ୍ଗା ପାଣି ପବିତ୍ର ମନେ କରିବା କେହି ମନା କରୁନାହିଁ। ପବିତ୍ର ସମ୍ବନ୍ଧରେ କଣ କେହି ପବିତ୍ର ରହିବା ଚେଷ୍ଟା କରୁଛନ୍ତି କି? ଗଙ୍ଗାଧାରଣ ଶିବ କରିଛନ୍ତି ବୋଲି ସେ ହରାହର ମହାଦେବ ଦେବତାଙ୍କ ଦେବତା, ଅଥଚ ଗଙ୍ଗା ସମ୍ବନ୍ଧରେ କେହି ସତ୍ୟମ ଶିବମ୍ ସୁନ୍ଦରମ୍ ହେବା ଚେଷ୍ଟାରେ ନାହାଁନ୍ତି। କିପରି ଗଙ୍ଗା ପାଣି ଘରେ କେବଳ ରଖିଲେ ଗଙ୍ଗାତତ୍ତ୍ୱ ସରଳରେ ହାସଲ ହୋଇ ଘର ଗଙ୍ଗାପାଣି ପରି ପବିତ୍ର ଶୁଦ୍ଧ ହେବ ଗଙ୍ଗା ଧାରଣକରି ଘର ଶିବ ହୋଇଯିବ।

ପ୍ରତିଘରେ ହତିଆର ଅଛି କିଛି ନଥିଲେ କଟୁରୀ, ଛୁରୀ, ପନିକି, ଠେଙ୍ଗା ନିଶ୍ଚେ ଥିବ। ପ୍ରାଚୀନ କ୍ଷତ୍ରୀୟଙ୍କ ଘରେ ଖଣ୍ଡା ଥିବ। ଆମ ରାଜ୍ୟରେ ବଳରାମଙ୍କ ଆୟୁଧ ହଳ ଏ ହଲ ଲଙ୍ଗ ଥିବ। ଏସବୁ ଆୟୁଧ ବଢ଼େଇ ମିସ୍ତ୍ରୀଙ୍କ ଘରେ କରତ ବଟାଳି, ନିହାଣ, ବାରିଶି ବି ଆୟୁଧ କମାରଙ୍କ ଘରେ ଆରି, ଛେଣି, କଟର ବି ହତିଆର ଏସବୁ ସହିତ ଅତି ଧାରୁଆ କ୍ଷୁର ଓ କତୁରୀ ବାରିକଙ୍କର ଆୟୁଧ ଏସବୁ ଗୃହରେ ଆୟୁଧ ପୂଜା ସଜ୍ଜା ବସାକୁ ପୂଜା ହେଲେ କେହି ନିଜ ଗୃହରେ ପ୍ରତିବେଶୀରେ ଶତ୍ରୁ ଭାବି ହଠାତ ପ୍ରୟୋଗ ଏସବୁ କଲେ କଣ ତ୍ରାହି ଅଛି କି? ବୃଥା ରକ୍ତପାତ କରିବାକୁ ଏସବୁ ତୟାର ନୁହଁ ଏଥିରୁ ଜୀବନ ଜୀବିକା ଚଳାଇବାକୁ ଏହାକୁ ଈଶ୍ୱରଦତ୍ତ ପଦାର୍ଥ ବୁଝିବା ଦରକାର। ଏସବୁ ଘର ଭିତରେ ବ୍ୟବସ୍ଥା, ଘର ବାହାରପଟ କାନ୍ଥ, ପାଚେରୀ ଏଥିରେ ପ୍ରତି ପାଞ୍ଚ ବର୍ଷରେ ସ୍ଥାନୀୟ ନେତାଙ୍କର ଛବି ଲଗା ଯାଉଛି। ନାମାବଳୀର ପରି ହ୍ୟାଣ୍ଡବିଲ, ଲଗାଯାଉଛି, କେହି କାନ୍ଥ ଅସୁନ୍ଦର ନକରିବା ପାଇଁ ମନା (ହ୍ୟାଣ୍ଡ ବିଲ) ଲଗାଇବା ମନାର ନିର୍ଦ୍ଦେଶ ଛାପିଛନ୍ତି। ଏହା ବି ବେଳେ ବେଳେ ଅମାନ୍ୟ ହୋଇଯାଏ। ବଡ଼ ବଡ଼ ନେତାଙ୍କ ବ୍ୟାନର ବଡ଼ ରାସ୍ତା କଡ଼ ଗଛ ପାଚେରୀ କାନ୍ଥରେ ଲଗାଯାଇଥାଏ। ଖୁବ ସୁଦୃଶ୍ୟ ଏହାକୁ ବିଚାରକୁ ନେଲେ କେତେ ଅର୍ଥ ଏ ପାଇଁ ନଲାଗୁଛି, ଫଟୋ ଟି ଯେ ଚୀରନ୍ତନ ନୁହଁ କେବେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କ ବୋଧ ଶକ୍ତି ହୁଏତ ନାହିଁ। ବାଜପେୟୀ ପ୍ରଧାନମନ୍ତ୍ରୀ ବେଳେ ତାଙ୍କର ଛବ ରାସ୍ତାରେ ପ୍ରଧାନ ସଡ଼କ ଯୋଜନାରେ ବହୁ ସ୍ଥାନରେ ବ୍ୟାନରରେ ଲଗାଯାଇଥିଲା ପରେ ଭେଟ ବେଳେ ତାକୁ କଢ଼ାଗଲା ବା ଢ଼ାଙ୍କି ଦିଆଗଲା ଏସବୁ ବ୍ୟକ୍ତିଙ୍କୁ କ୍ଷଣିକ ସୁଖ ଦେଲା ସିନା ପୂର୍ଣ୍ଣ ସୁଖର ଅବକାଶ ଦେଲା ନାହିଁ। ହେଲେ ତାଙ୍କର କୀର୍ତ୍ତି ତାଙ୍କର ଶାସନ କାଳ କଳାପରେ ରହିଗଲା ଏମିତି ପ୍ରତି ପେଟ୍ରୋଲ ପମ୍ପରେ ତୈଳ ବିଭାଗ ମନ୍ତ୍ରୀଙ୍କର ଛବି ଛପାଯାଇ ଲଗାଯାଇଥିଲା ଏବେ ସେ ଅଛନ୍ତି ମାତ୍ର ସେ ପଦରେ ନାହାଁନ୍ତି ବୋଲି ଛବି ସବୁ ଲୁପ୍ତ। ଏମିତି ଅନେକ ଉଦାହରଣ ଏହାପରେ ବ୍ରିଟିଶ ବେଳର ମୂଲ୍ୟବାନ ବ୍ୟକ୍ତିଙ୍କର ପ୍ରସ୍ତର ଧାତୁମୂର୍ତ୍ତି ନାମରେ ତାଙ୍କର ନାମ ଦରଜ ଥିଲା, କେତେ ସ୍ଥାନର ବହୁ ବର୍ଷ ପରେ ସେ ମୂର୍ତ୍ତି ସବୁ କଢ଼ାଯାଇ ଭାରତର ସ୍ମରଣୀୟ ନେତାଙ୍କର ମୂର୍ତ୍ତି ଲଗାଗଲା। ଯେଉଁ ଦଳ ପ୍ରଶାସନ କ୍ଷମତାରେ ତାଙ୍କର ଆଦର୍ଶ ନେତାଙ୍କ ମୂର୍ତ୍ତିକୁ ସର୍ବମାନ୍ୟ ପାଇଁ ବହୁ ସ୍ଥାନରେ ଲଗାଯାଉଛି। ପରବର୍ତ୍ତୀ ଅନ୍ୟ ଦଳର ଏ ସହ୍ୟ ଯେ ହେବ ଏପରି ସମ୍ଭବନା ସ୍ଥାୟୀ ନୁହେଁ। ଏ ଦିନେ ଉଠିପାରେ। ଗାନ୍ଧୀ ଜାତୀୟ ପିତା ସ୍ୱୀକାର କରାଯାଇଛି। ତାଙ୍କ ନାମରେ ବଡ଼ ବଡ଼ କାଗଜ ନୋଟ ହେଲେ ତାକୁ ବିଲୁପ୍ତ ଅପଚେଷ୍ଟା ଚାଲିଲାଣି। ନୋଟ ଟି କିଛି ସ୍ମରଣ କରାଉଥିଲା ସମ୍ମାନ ଦେଉଥିଲା, ଏବେ ମଦ ରନ୍ଧ କରିଥିବା ଗାନ୍ଧୀଙ୍କ ଛପା ନୋଟ ଦେଇ ଲୋକ ମଦ କ୍ରୟ କରୁଛନ୍ତି। ଏ ଗାନ୍ଧୀଙ୍କୁ ଅପମାନ ନୁହେଁ କି?

ସାର୍ବଜନୀନ କୂପ, ନାଳ, ପୁଷ୍କରିଣୀ, ନଦୀର ଜଳ ଦେବପୂଜାରେ ଘଟ ସ୍ଥାପନ ପାଇଁ ଘଟ ବୁଡ଼ା, ଦେବତା ଶିବଙ୍କ ଉପରେ ଜଳ ଢ଼ାଳିବା କିଛି ପବିତ୍ର କାର୍ଯ୍ୟରେ ଲାଗୁଥିଲା ଏବେ ସହର ଗ୍ରାମର ମଇଳା ପାଣି ଏସବୁ ମିଶ୍ରଣ ଯୋଗୁ ଏ ଜଳକୁ ଲୋକେ ଆଉ ପେୟ କରୁନାହାଁନ୍ତି। ଯୋଗ୍ୟ ଭାବୁ ନାହାଁନ୍ତି। ପାଦୁକ କରିବାକୁ ଚାହୁଁନାହାଁନ୍ତି। ପିଇବା ପାଣି ବୋତଲର ବ୍ୟବହାର କଲେଣି। ତେବେ ଦେବତା ପୂଜା ସେହ ବୋତଲର ପାଣିରେ ଏ ସମୟରୁ ଆରମ୍ଭ କରାଯିବ କି? ସହରର ଅସନା ପରିତ୍ୟକ୍ତ ଜଳକୁ ରିସାଇକେଲିଂ କରି ପେୟ ଉପଯୁକ୍ତ କରି ସହରକୁ ଯୋଗାଯିବା ଯୋଜନା ହେଉଛି। ଏହା ଲୋକଙ୍କ ଚଳନୀରେ କେମିତି ଆସିବ ଏହା ଦେଖିବାକୁ ବାକି ରହିଲା। ଘୁଷୁରୀ ମଳ ଖାଏ ବୋଲି ଅନେକ ଧର୍ମରେ ଏହାର ମାଂସ ଅଖାଦ୍ୟ ଧରାଯାଇଛି। ହେଲେ ମଳମୂତ୍ର ସଂଶ୍ଳିଷ୍ଟ ଜଳକୁ ପୁନଃ ପେୟ ଦରକାରୀ ଜଳ କରାଗଲେ ଲୋକଙ୍କୁ କେମିତି ଲାଗିବ। ଏ ଧର୍ମର ଚଳନୀ କି ନାହିଁ ବିଚାର୍ଯ୍ୟ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଓଡିଶା ଲୋକ ଦଳ ସାଧାରଣ ସଭା



ପାରାଦ୍ୱୀପ/କୁଜଙ୍ଗ/ଏରସମା – ଜଗତସିଂହପୁର ଜିଲ୍ଲାର ଢ଼ିଙ୍କିଆ ଚରିଦେଶ ଅଞ୍ଚଳସ୍ଥ ଢ଼ିଙ୍କିଆ ଠାରେ ଓଡିଶା ଲୋକ ଦଳ ତରଫରୁ ଏକ ସାଙ୍ଗଠନିକ ସାଧାରଣ ସଭା ରାଜ୍ୟ ସଭାପତି ସନ୍ତୋଷ ନାରାୟଣ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ସାମୁଖ୍ୟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ-ଛାତ୍ର ସାମୁଖ୍ୟ ସଭାପତି ପ୍ରିୟବ୍ରତ ନାୟକ ଓ ରାଜ୍ୟ ଛାତ୍ର ସାମୁଖ୍ୟ ସଭାପତି ଅଭିଷେକ ଦାଶ ଯୋଗ ଦେଇ ପାରାଦ୍ୱୀପ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଶିଳ୍ପ ସମୂହଙ୍କ ଅଞ୍ଚଳ ମାରଣ ନୀତିର ତୀବ୍ର ନିନ୍ଦା କରିବା ସହିତ ଜେଏସଡବ୍ଲ୍ୟୁ କମ୍ପାନୀ ଯେଭଳି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟିକରି ବନ୍ୟପ୍ରାଣୀଙ୍କୁ ମାରି ଚାଲିଛି। ସେଥିପ୍ରତି ଦଳ ସାରାରାଜ୍ୟରେ ଆନ୍ଦୋଳନ କରି ଢ଼ିଙ୍କିଆ ଚରିଦେଶର ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଢ଼ିଙ୍କିଆ ଚରିଦେଶ ଅଞ୍ଚଳ ଧାନ,ପାନ,ମୀନର କୃଷିଜାତ ଅଞ୍ଚଳ ହୋଇଥିଲେ ମଧ୍ୟ ଆଜି ଅଞ୍ଚଳରେ ବେରୋଜଗାରୀ, ଦରିଦ୍ରତା,ଦୂରାରୋଗ ବ୍ୟାଧିରେ ପୀଡ଼ିତ ହୋଇ ସାଧାରଣ ଜନତା ଅକାଳ ମୃତ୍ୟୁର ଶିକାର ହେବାରେ ଲାଗିଛନ୍ତି ବୋଲି ଶ୍ରୀ ସ୍ୱାଇଁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ମାନସ ବର୍ଦ୍ଧନ, ଜିତେନ୍ଦ୍ର ପ୍ରସାଦ ଦାଶ, ଆଲୋକ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଅଭୟ ମଲ୍ଲିକ, ଲିପୁ ଦାସ, ପୀତବାସ ଦାସ,ପ୍ରଶାନ୍ତ.ଦାସ,ଭଗବାନ ରଣା, ରଶ୍ମିରଂଜନ ମହାପାତ୍ର, ଅଭିଷେକ ବର୍ଦ୍ଧନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ର୍ତିତ୍ତୋଲରେ ବିଶ୍ୱଉପଭୋକ୍ତା ଦିବସ ପାଳିତ



ପାରାଦୀପ /ର୍ତିତ୍ତୋଲ – ର୍ତିତ୍ତୋଲ ର ଆନନ୍ଦମଣ୍ଡପ ସଭାଗୃହରେ ଗତ ରବିବାର ଅପରାହ୍ନରେ ଓଡିଶା ଉପଭୋକ୍ତା ସଙ୍ଘ କଟକ ଆନୁକୂଲ୍ୟରେ ଏବଂ ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ଲଥାଙ୍ଗ, ଜଗତସିଂହପୁର ର ସଭାପତି ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କ ଆବାହକ୍ୱରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଓଡିଶା ଉପଭୋକ୍ତା ସଙ୍ଘ କଟକ ର ପ୍ରଶାନ୍ତ କୁମାର ମହାପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ, ଉପସଭାପତି ବିଚିତ୍ରାନନ୍ଦ ସାମଲ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଜଗତସିଂହପୁର ଡିସିଡିଆରସି, ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନୀଜୀବି ଓମ ପ୍ରକାଶ ଦାସ,ଆଇନୀଜୀବି ଟୁକୁନ ସେଠୀ, ଅଖିଳଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ର ଉପସଭାପତି ଶରତ କୁମାର ଦାଶ, ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା,ମହିଳା ଶାଖାର ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ଉପଭୋକ୍ତା ମାନେ ଠକାମି ର ଶିକାର ହୋଇ କ୍ଷତିଗ୍ରସ୍ତ ହେଉଥିବାରୁ, ସେଥିପାଇଁ ଆଇନୀଗତ ଭାବରେ କି ପଦକ୍ଷେପ ନେବାକୁ ପଡିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ସୃଷ୍ଟି କରିବା ସହିତ ସେମାନଙ୍କର ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇଥିଲେ ।ପଣ୍ଡିତ ଡଃ.ସିଦ୍ଧେଶ୍ୱର ପଣ୍ଡା ନିମନ୍ତ୍ରିତ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ମଞ୍ଚ ସଂଚାଳନ କରିଥିଲେ । ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବିରଞ୍ଚି ନାରାୟଣ ମିଶ୍ର ଙ୍କ ସମେତ ଶତାଧିକ ଉପଭୋକ୍ତା, ସ୍ଥାନୀୟ କଲେଜର ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ଉପଭୋକ୍ତା କର୍ମୀ ରଶ୍ମିତା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ବସ୍ ସେବା ନିମନ୍ତେ ବ୍ଲକ ସାମନାରେ ଧାରଣାରେ ବସିଲେ ଶତାଧିକ ଲୋକେ



ରାଇରଙ୍ଗପୁର/ବିଜାତଳା: ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଗମନାଗମନ ଓ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟିକୋଟି ଟଙ୍କା ମଧ ଖର୍ଚ୍ଚ କରାଯାଉଛ। ହେଲେ ଏବେ ବି କିଛି ଅଞ୍ଚଳକୁ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। ଅଭିଯୋଗ ଅନୁଯାୟୀ ମୟୂରଭଞ୍ଜଜିଲ୍ଲା ବିଜାତଳା ବ୍ଲକ୍ର ମଡେଇକଚ ପଂଚାୟତବାସୀ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନରୁ ବଞ୍ଚିତ ଅଛନ୍ତି। ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ସ୍ୱପ୍ନ ହୋଇ ରହିଯାଇଛି ।ଏନେଇ ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁରଠାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣିରେ ମଡ଼େଇକଚ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ୩ ଥର ଦାବିପତ୍ର ପ୍ରଦାନ କରିସାରିଲେଣି, ତଥାପି ବସ୍ ସେବା ମିଳିପାରୁନି। ଏପରିକି ବିଡ଼ିଓ ଶ୍ରୀ ଖସଲା ନିଜେ ଉକ୍ତ ବସ୍ ରେ ମଡେଇକୋଚଯାଇ ରାସ୍ତା ଓ ଗାଁ ଦେଖି ଆସିଥିଲେ ମଧ ବସ୍ ଚାଲିନଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି ।ତେବେ ଗତ ଦୁଇଦିନ ପୂର୍ବରୁ ପଞ୍ଚାୟତବାସୀ ତୁରନ୍ତ ବସ୍ ସେବା ଯୋଗାଇ ନଦେଲେ ଧାରଣାରେ ବସିବେ ବୋଲି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲିଖିତ ଭାବେ ଜଣାଇଥିଲେ। ତେବେ ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ମୁଖ୍ୟମନ୍ତ୍ରୀ ମୋ ବସସେବା ମଡ଼େଇକଚ ପଞ୍ଚାୟତକୁ ନ ଆସେ ତାହାଲେ ୧୭ ତାରିଖ ବିଜାତଳା ବ୍ଲକ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ସମାଧାନ ନ ହେବାରୁ ଆଜି ସକାଳ ୬ ଘଟିକାଠାରୁ ମଡ଼େଇକଚ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଏକତ୍ରିତ ହୋଇ ବ୍ଲକ ମଧରେ ଥିବା ମୁଖ୍ୟମନ୍ତ୍ରୀ ମୋ ବସ୍କୁ ଅଟକ ରଖିବା ସହିତ ମୁଖ୍ୟ ଫାଟକରେ ତାଲା ବନ୍ଦ କରି ଧାରଣାରେ ବସିଛନ୍ତି।

# ସମ୍ପୂର୍ଣ୍ଣ ରୀତିକାନ୍ତିରେ ଶେଷ ହୋଇଛି ମା ମଙ୍ଗଳାଙ୍କ ଦ୍ୱିତୀୟ ପାଳି

କାକଟପୁର( ମହାଭାରତ) : ଚଳିତ ଚୈତ୍ର ମାସ ଦ୍ୱିତୀୟ ପାଳି ଯାତ ମା ମଙ୍ଗଳା ଙ୍କ ନିକଟରେ ସମାପନ କରାଯାଇଛି, ରାତ୍ର ତିନି ଘଟିକା ରୁ ମା ଙ୍କର ପହୁଡ଼ ଫିଟା ଯାଇ, ସିଂହ ପୂଜା, ମଙ୍ଗଳ ଆରତୀ, ସ୍ନାନ, ମାର୍ଜନା, ମୈଲମ ପରେ ମା ଙ୍କ ର ପାଟ ବସ୍ତ୍ର, ଚନ୍ଦନ, ବିଭିନ୍ନ ସୁନା ରୁପା ଅଳଙ୍କାର ରେ କରାଯାଇଛି ରାଜରାଜେଶ୍ୱରୀ ବେଶ, ପରେ ସୂର୍ଯ୍ୟ ପୂଜା ଓ ମା ଙ୍କ ନିକଟରେ ବଲ୍ଲଭ ଭୋଗ ଲାଗି କରାଯାଇଛି, ଚୈତ୍ର ମାସ ମା ମଙ୍ଗଳା ଙ୍କର ଅତ୍ୟନ୍ତ ପ୍ରିୟ ମାସ, କିମ୍ବଦନ୍ତୀ କୁହେ ଯେ ମା ସିଂହଳ ରୁ ଆସିବା ପରେ ଯେତେବେଳେ ପ୍ରାଚୀ ଗର୍ଭ ରେ ବୋଇତ ବୁଡ଼ିଯାଇଥିଲା। ସେହି ସମୟ ରେ ଗଣ୍ଡ ଭିତରେ ମା ରହିଥିଲେ, ସେହି ସମୟ ରେ ମା ଙ୍କୁ ଉଦ୍ଧାର ପାଇଁ ପୁରୀ ରାଜା ଙ୍କ ନିର୍ଦ୍ଦେଶ ରେ ହଟ ଓ ଭଟ ଦୀକ୍ଷିତ ଜଗତଗୁରୁ ଶଙ୍କରାଚାର୍ଯ୍ୟ ଙ୍କ ପରାମର୍ଶ ରେ ପ୍ରାଚୀ ତଟ ରେ ଯଜ୍ଞ ଆରମ୍ଭ କରିଥିଲେ ଓ ତାହା ଚୈତ୍ର ମାସ ପ୍ରଥମ ମଙ୍ଗଳ ବାର ରୁ ଆରମ୍ଭ ହୋଇ ଯେବେ ପାଞ୍ଚ ମଙ୍ଗଳ ବାର ହୋଇଥିଲା ସେତେବେଳେ ପୂର୍ଣ୍ଣାଙ୍ଗ ହୋଇ ମା ଙ୍କୁ ଉଦ୍ଧାର କରାଯାଇଥିଲା। ଯାହା ଓଡିଶା ପ୍ରସିଦ୍ଧ ମା ମଙ୍ଗଳା ଙ୍କ ଝାମୁ ଯାତ୍ରା ରୂପେ ପ୍ରସିଦ୍ଧ, ସେହି ଦିନ ଠୁ ଏହି ପରମ୍ପରା ଆଜି ଚାଲିଛି, ଘଣ୍ଟ ପାଟୁଆମାନେ ନିଷ୍ଠା ରେ ରହି ପ୍ରାଚୀ ଘଟ ତୋଳା ଘାଟ ରୁ



କଳସ ଆଣି ମା ଙ୍କର ଆଜ୍ଞା ଭିକ୍ଷା କରନ୍ତି, ଗୋପାଳ ଯାଦବ ମାନଙ୍କର ଲଉଡ଼ି ଖେଳ କୁ ହୋଲି ଅଭିର ଖେଳ ଏହି ଚୈତ୍ର ମାସ ରେ ଗୋଟେ ସ୍ୱତନ୍ତ୍ର ଉପାସନା ଭାବେ ମା ଙ୍କ ମନ୍ଦିର ରେ ହୁଏ ଯାହା ଅତ୍ୟନ୍ତ ଦୁର୍ଲଭ, ମା ଙ୍କର ଦ୍ୱି ପ୍ରହର ଭୋଗ ଆଳତୀ, ସନ୍ଧ୍ୟା ପୂଜା ଓ ନାନାଦି ପ୍ରକାର ଫଳ, ମିଷ୍ଟା, ବ୍ୟଞ୍ଜନ ଭୋଗ ଓ ପଣା ଭୋଗ ଅତ୍ୟନ୍ତ ମନ୍ତ୍ରମୁଗ୍ଧକାରୀ ହୋଇଥିବା ବେଳେ ମନ୍ଦିର ଭିତରେ ଧୂପ ଦୀପ ନୈବେଦ୍ୟ ର ।ସ ଗୋଟେ ସ୍ୱତନ୍ତ୍ର ଆଧାତ୍ମିକ ପରିବେଶ ସୃଷ୍ଟି କରିଛି, ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ, କାକଟପୁର ପୋଲିସ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଧାଡି ଦର୍ଶନ ର ବ୍ୟବସ୍ଥା ମଧ କରାଯାଇଛି, ଓଡିଶା ରାଜ୍ୟ ଓ ପଡୋଶୀ ରାଜ୍ୟ ର ବିଭିନ୍ନ ପ୍ରାନ୍ତ ରୁ ହଜାର ହଜାର ଦର୍ଶକ ମାନଙ୍କ ଭିଡ଼ ଆଜି ମନ୍ଦିର ରେ ହୋଇଥିଲା, ମା ଙ୍କର ଦୁର୍ଲଭ ବେଶ ଦର୍ଶନ କରିବା ସହ ମା ଙ୍କୁ ପୂଜାର୍ଚ୍ଚନା କରି ମା ଙ୍କ ସାନିଧ ଲାଭ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ ।

# ଉତ୍ତର କହି ନ ପାରିବାରୁ ନବମ ଶ୍ରେଣୀ ଛାତ୍ରଙ୍କୁ ନିର୍ଘାତ ମାଡ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି : ପରୀକ୍ଷାରୁ ହେଲେ ବଂଚିତ

କପ୍ତିପଦା -(ମହାଭାରତ ):କପ୍ତିପଦା -ଦଣ୍ଡମୁକ୍ତ ଅଂଚଳରେ ଦଣ୍ଡଯୁକ୍ତ ବ୍ୟବସ୍ଥା । ପଚାରିଥିବା ପ୍ରଶ୍ନର ଉତ୍ତର କହି ନ ପାରିବାରୁ ନବମ ଶ୍ରେଣୀ ଛାତ୍ରଙ୍କୁ ନିର୍ଘା ମାଡ ମାରିଲେ ଶିକ୍ଷୟିତ୍ରୀ । ଆଉ ମାଡରେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହେଲେ ଛାତ୍ର । ଏଭଳି ଘଟଣା ଘଟିଛି କପ୍ତିପଦା ବ୍ଲକ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ । ଏହି ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶୁଭଙ୍କର ବେହେରା ସୋମବାର ବିଦ୍ୟାଳୟରେ ଶ୍ରେଣୀ ଗୃହରେ ନବମ ଶ୍ରେଣୀ ପରୀକ୍ଷା ଦେବା ପରେ ବସିଥିଲେ । ଏହି ସମୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତୀମୟୀ ବରାଳ ସେଠାରେ ପହଂଚି ଶୁଭଙ୍କର ଏବଂ ଅନ୍ୟ ପିଲାମାନଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ତେବେ ଶୁଭଙ୍କର ଉତ୍ତର ନ ଦେଇ ପାରିବାରୁ ଶିକ୍ଷୟିତ୍ରୀ ଦିପ୍ତୀମୟୀ ଉତ୍ତ୍ୟକ୍ତ ହୋଇ ଏକ ବାଡିରେ ଛାତ୍ରଙ୍କୁ ନିର୍ଘାତ ମାଡ ମାରିଥିଲେ । ଏପରିକି ତାଙ୍କ ହାତ ପାଦରେ ରୋଳା ବସିଯାଇଥିଲା । ଯାହାକି ଛାତ୍ର ଜଣକ ମାଡରେ ଗୁରୁତର ହୋଇଥିଲେ । ବିଦ୍ୟାଳୟ ଛୁଟି ହେବା ପରେ ଘରକୁ ଯାଇ ଛାତ୍ର ଜଣକ ନିଜକୁ ଏକ ରୁମ୍ ଭିତରେ ବନ୍ଦ କରି ଦେଇଥିଲେ ।କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ଡାକିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ । ଶୁଭଙ୍କର କୌଣସି ଜବାବ ନ ଦେବାରୁ ପରିବାର ଲୋକେ ଘରର କବାଟ ଭାଙ୍ଗିଥିଲେ ଏବଂ ଘର ଭିତରୁ ଶୁଭଙ୍କରକୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ । ପରେ ତାଙ୍କୁ ତୁରନ୍ତ ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା ।ମାଡ ଖାଇ ଗୁରୁତର ହୋଇଥିବା ଶୁଭଙ୍କର ମଙ୍ଗଳବାର ଥିବା ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ଦେବାକୁ ଯାଇ ପାରି ନ ଥିଲେ । ଯାହାଫଳରେ ସେ ପରୀକ୍ଷାରୁ ଆଜି ବଂଚିତ ହୋଇଛନ୍ତି। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଶୁଭଙ୍କର ଶରୀରର ବିଭିନ୍ନ ସ୍ଥାନରେ ମାଡର ଗଭୀର କ୍ଷତ ଚିହ୍ନ ରହିଛି । ସେପଟେ ଘଟଣା ବାବଦରେ ପଚାରି ବୁଝିବାକୁ ଗଣମାଧ୍ୟମ ପ୍ରତିନିଧି ବିଦ୍ୟାଳୟରେ ପହଂଚିଥିବା ବେଳେ ବିଦ୍ୟାଳୟ ମୁଖ୍ୟ ଫାଟକ କେହି ଖୋଲି ନ ଥିଲେ ଏବଂ ବିଦ୍ୟାଳୟ ଛୁଟି ହେବା ପରେ ମାଡ ମାରିଥିବା ଶିକ୍ଷୟିତ୍ରୀଙ୍କ ସମେତ ପ୍ରଧାନଶିକ୍ଷୟିତ୍ରୀ ମୁହଁରେ କପଡା ଗୁଡାଇ ବିଦ୍ୟାଳୟରୁ ଗାଡି ନେଇ ବାହାରି ଯାଇଥିଲେ ସୁଦ୍ଧା କୌଣସି ଉ□ର ଦେଇ ନ ଥିଲେ । ଫୋନ ଯୋଗେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ରାଉତଙ୍କୁ ପଚାରିବାରୁ ଶୁଭଙ୍କର ଏବଂ ଅନ୍ୟ ଦୁଇ ଜଣ ଶ୍ରେଣୀ ଗୃହରେ ବସି ପାଟି କରୁଥିଲେ ଯେଉଁଥିରୁ ଉତ୍ତ୍ୟକ୍ତ ହୋଇ ଶିକ୍ଷୟିତ୍ରୀ ଦିପ୍ତୀମୟୀ ବରାଳ ତାଙ୍କୁ ମାଡ ମାରିଥିବା କଥା ସେ ସ୍ୱୀକାର କରିଛନ୍ତି ।ତେବେ ପ୍ରଶ୍ନର ଉତ୍ତର ନ ଦେଇପାରିବା ହେଉ କିମ୍ବା କ୍ଲାସ ରୁମରେ ପାଟି କରିବା କାରଣରୁ ହେଉ ଜଣେ ଛାତ୍ରଙ୍କୁ ଏପରି ନିର୍ଦ୍ଦୟ ଭାବେ ମାଡ ମାରି ଗୁରୁତର କରିବା ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ସଂପୃକ୍ତ ଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ଟମାଟୋ ଅଭାବୀ ବିକ୍ରି ଦୂର ପାଇଁ ଭାରତ ମସଲାର ପଦକ୍ଷେପ

କଟକ: ଭାରତ ମସଲା କମ୍ପାନି ଟମାଟୋର ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ବଡ଼ ପଦକ୍ଷେପ ନେଇଛି। ଟମାଟୋ ମୂଲ୍ୟରେ ହ୍ରାସ ଏବଂ ବିକ୍ରି ହୋଇପାରୁ ନ ଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଓରମାସ୍ ସହାୟତାରେ ଟମାଟୋ କ୍ରୟ ପାଇଁ କମ୍ପାନି ନିଷ୍ପତ୍ତି ନେଇଛି। ଏହା ସହିତ ଦଲାଲଙ୍କ ପ୍ରଭାବରୁ ଚାଷୀଙ୍କୁ ମୁକ୍ତ ରଖିବା ଉଦ୍ଦେଶ୍ୟରେ ଭାରତ ମସଲା କମ୍ପାନି ଚାଷୀଙ୍କଠାରୁ ସିଧାସଳଖ ବିଲାତି କ୍ରୟ କରିବା ପ୍ରକ୍ରିୟା ଆରମ୍ଭ କରିଛି। ଗଞ୍ଜାମ, କଟକ ଓ ଝାରସୁଗୁଡ଼ା ଭଳି ଜିଲ୍ଲାରୁ ଭାରତ ମସଲା କମ୍ପାନି ଏସ୍‌ଏଚ୍‌ଜି ମାଧ୍ୟମରେ ଟମାଟୋ କିଣିଛି ।ଏ ପ୍ରସଙ୍ଗରେ କଟକସ୍ଥିତ ଭାରତ ମସଲା କାର୍ଯ୍ୟାଳୟରେ ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରୋହିତ୍ୱରେ ଏକ ବୈଠକ ହୋଇଥିଲା। ବୈଠକରେ ଓର୍ମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଯୋଗ ଦେଇଥିଲେ। ଏହି ପଦକ୍ଷେପ ଦ୍ୱାରା ଚାଷୀମାନେ ବଜାର ଦର ତୁଳନାରେ ପ୍ରାୟ ୩୫ ପ୍ରତିଶତ ଅଧିକ ଲାଭ କମ୍ପାନିଠାରୁ ପାଇପାରିବେ। ବର୍ତ୍ତମାନ ସୁଦ୍ଧା କଟକର ଆଠଗଡ଼ ଓ ବଡ଼ମ୍ବା କ୍ଲଷ୍ଟରରୁ ୮ ମେଟ୍ରିକ୍ ଟନ୍ ଏବଂ ଗଞ୍ଜାମ ଜିଲ୍ଲାରୁ ୧୯ ମେଟ୍ରିକ୍ ଟନ୍ ଟମାଟୋ କ୍ରୟ



ଗଞ୍ଜାମ ଜିଲ୍ଲାରୁ ପ୍ରାୟ ୫୦୦ ମେଟ୍ରିକ୍ ଟନ୍ ଟମାଟୋ ଓ ସମ୍ବଲପୁରରୁ ୧୫୦ ମେଟ୍ରିକ୍ ଟନ୍, ଝାରସୁଗୁଡ଼ାରୁ ୧୫୦ ମେଟ୍ରିକ୍ ଟନ୍, ଦେବଗଡ଼ରୁ ୧୦୦ ମେଟ୍ରିକ୍ ଟନ୍, ଗଞ୍ଜାମରୁ ୧୦୦ ମେଟ୍ରିକ୍ ଟନ୍ ଶୁଖିଲା ଲଙ୍କା କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ପ୍ରସଙ୍ଗରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି ଯେ ଭାରତ ମସଲା କମ୍ପାନିର କେବଳ ବ୍ୟବସାୟ କରିବା ଲକ୍ଷ୍ୟ ନୁହେଁ। ରାଜ୍ୟର ଚାଷୀ ବଜାରରେ କିଭଳି ସେମାନଙ୍କର ଉତ୍ପାଦକୁ ସହଜରେ ଉପଲବ୍ଧ କରାଇପାରିବେ ଏବଂ ବଜାରକୁ ସୁହାଇଲା ଭଳି ଉତ୍ତମାନର କୃଷିଜାତ ଦ୍ରବ୍ୟ ପଠାଇ ପାରିବେ ସେଥି ପ୍ରତି କମ୍ପାନି ଧ୍ୟାନ ଦେବ। ଆଗାମୀ ବର୍ଷରେ ଚାଷୀମାନଙ୍କୁ ଉତ୍ତମାନର ବିହନ ଯୋଗାଇ ଉତ୍ପାଦିତ କୃଷି ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ ସିଧାସଳଖ କିଣିବ। ବର୍ତ୍ତମାନ ଟମାଟୋ ମହଜୁଦ ରଖିଥିବା ଚାଷୀମାନେ ସିଧାସଳଖ ଭାରତ ମସଲା କମ୍ପାନି ସହ ଯୋଗାଯୋଗ କରି ସାମଗ୍ରୀ ଦେଇପାରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ପାରଳାଖେମୁଣ୍ଡିର ରାଜରାସ୍ତା ପାଲଟିଛି ଗାଈ ଗୁହାଳ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ର ରାଜ ରାସ୍ତା ପାଲଟିଛି ଗାଈ ଗୁହାଳ ସବୁ ଜାଣି ପୌରପରିଷଦ ନିଦା ବିଷ୍ଣୁ ପାଲଟିଛି। ଯାହା ଦ୍ୱାରା ଟ୍ରାଫିକ ସମସ୍ୟା ସାଙ୍ଗକୁ ଦୁର୍ଘଟଣା ଘଟୁଛି ।ସହର ରେ ଦିନକୁ ଦିନ ବୁଲୟ ଗାଈ ଗୋରୁ ,ଷଣ୍ଢ, କୁକୁର ଘୁଷୁରୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି, ସବୁ ଜାଣି ପୌରପରିସଦ କୌଣସି ପଦକ୍ଷେପ ନନେୟ ସମସ୍ତଙ୍କୁ ଚକିତ କରିଛି। ଏ ନେଇ ବରିଷ୍ଠ ନାଗରିକମାନେ ପୌର ପରିଷଦ କୁ ଅବଗତ କରାଇ ଥିଲେ କି ପୌର ପରିଷଦ ମଧ କିଛି ପଦକ୍ଷେପ ନେଇ ନଥିବ। ଅଭିଯୋଗ ହେଉଛି। ଗୃହ ପାଳିତ ପଶୁ ମାନଙ୍କ ର ମାଲିକ ମାନେ ସବୁ ଜାଣି ନଜାଣିଲା ଭଳି ଚୁପ ରହିଥାନ୍ତି। କାଞ୍ଜିଆହୁଦାର ବ୍ୟବସ୍ଥା ନାହିଁ ଗାଈଗୋରୁ ଙ୍କ ସକାଶେ ଯାହା ଫଳରେ ଶହରରେ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣା ଘଟୁଛି । ଓଡ଼ିଶାର ଦ୍ୱିତୀୟ ସର୍ବ ପୁରାତନ ପୌର ପରିଷଦ ର ବ୍ୟବସ୍ଥା ଏପରି ସମସ୍ତଙ୍କୁ ଚକିତ କରିଛି ।

# ମା ମାର୍କମା କଲେଜର ବିକାଶ ପାଇଁ ୨.୧୩ କୋଟିର ଅନୁଦାନ

## ପ୍ରଥମ କିସ୍ତିର ୧୫% ଅର୍ଥ ପ୍ରଦାନକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ

ବିଷମକଟକ, ୧୭.୦୩.୨୬ : ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ମା ମାର୍କମା (ଡିଗ୍ରୀ) ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର ହୋଇଛି। ସରକାରୀ ସୂଚନା ମୁତାବକ, କଲେଜରେ ବିଭିନ୍ନ ଅତ୍ୟାଧୁନିକ ସୁବିଧା ସୁଯୋଗ ଓ ନୂତନ ଗୃହ ନିର୍ମାଣ ନିମନ୍ତେ ସମୁଦାୟ ୨,୧୩,୭୦,୦୦୦ (୨ କୋଟି ୧୩ ଲକ୍ଷ ୭୦ ହଜାର) ଟଙ୍କାର ଗ୍ରାଣ୍ଟ ମଞ୍ଜୁର ହୋଇଛି। ତେବେ ଏହି ବୃହତ ଅନୁଦାନ ରାଶିରୁ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୫ ପ୍ରତିଶତ ଅର୍ଥା ପ୍ରାୟ ୩୨ ଲକ୍ଷ ୫ ହଜାର ଟଙ୍କା ଜାରି କରାଯାଇଛି ।କଲେଜର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଏହି ଅନୁଦାନ ମାଧ୍ୟମରେ ୨ଟି ନୂତନ ଶ୍ରେଣୀ ଗୃହ, ସାଇନ୍ସ ଲ୍ୟାବ୍, ଏକ ସୁସଜ୍ଜିତ ପାଠାଗାର, ବହୁମୁଖୀ ହଲ୍ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କମନ ରୁମ୍ ଓ ଶୌଚାଳୟ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି ।ଏହା ଦ୍ୱାରା କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ସୃଷ୍ଟି କରିବ ।ସରକାରଙ୍କ ଏହି ଅନୁଦାନ ଘୋଷଣାକୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ ହେଁ, କିସ୍ତି ଅନୁସାରେ ଅଳ୍ପ ଅଳ୍ପ ଅର୍ଥ ପ୍ରଦାନ କରାଯାଉଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ମାନେ ଚିନ୍ତା ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅର୍ଥାଭାବରୁ ଅନେକ ସମୟରେ ସରକାରୀ ପ୍ରକଳ୍ପ ଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ି ରହୁଛି। ଯଦି ସରକାର ମଞ୍ଜୁର ହୋଇଥିବା ସମ୍ପୂର୍ଣ୍ଣ ୨.୧୩ କୋଟି ଟଙ୍କା ଏକାଥରକେ ପ୍ରଦାନ କରିଥାନ୍ତେ, ତେବେ ସମସ୍ତ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଓ ଗୁଣାତ୍ମକ ଭାବେ ଶେଷ ହୋଇପାରନ୍ତା। ଅଭିଭାବକ ମହଲରେ ଦାବି ହେଉଛି ଯେ, ଶିକ୍ଷାବର୍ଷ ଶେଷ ହେବା ପୂର୍ବରୁ ଯଦି ଅବଶିଷ୍ଟ ଅନୁଦାନ ରାଶି ଯୋଗାଇ ଦିଆଯାଏ, ତେବେ ଛାତ୍ରଛାତ୍ରୀମାନେ ଠିକ୍ ସମୟରେ ଏହି ଭିତ୍ତିଭୂମିର ସୁଫଳ ପାଇପାରିବେ। ନଚେତ୍ କାମ ଲମ୍ବିଲେ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇବା ସହ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି।

# ପକ୍କା ରାସ୍ତା ଓ ବିଦ୍ୟୁତ ନଥିବା ଗ୍ରାମ ତେନ୍ତୁଳିପଡ଼ା

ଝରିଗାଁ :ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଡା ଗ୍ରାମ ସ୍ଥାପନର ୪୫ ବର୍ଷ ପରେ ମଧ ବିଭିନ୍ନ ସମସ୍ୟା ରହିଛି। ଝରିଗାଁ ବ୍ଲକ ଠାରୁ ୭ କିଲୋମିଟର ଦୂରରେ ଥିବା ବେଳେ ପଞ୍ଚାୟତ ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମରେ ପ୍ରାୟ ୧୫ ପରିବାର ରହୁଥିବା ବେଳେ ସମସ୍ତେ ପ୍ରାୟ ଚାଷ ଉପରେ ନିର୍ଭର କରୁଛନ୍ତ ।ପ୍ରଶାସନ ପକ୍ଷରୁ ରେଖାମାଳ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ଥିବା ବେଳେ ରେଖାମାଳ ଗ୍ରାମ ଠାରୁ ପ୍ରାୟ ୩ ଶହ ମିଟର ଦୂର ତେନ୍ତୁଳିପଡା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇ ନାହିଁ। ଫଳରେ ଗ୍ରାମବାସୀଙ୍କୁ ବର୍ଷା ଦିନ ଗୁଡିକରେ ଯାତାୟତରେ ସମସ୍ୟା ହେଉଛି। ବର୍ଷା ଦିନ ରାସ୍ତାରେ କାଦୁଅ ଓ ଚିକିଟା ମାଟି ଯୋଗୁଁ ଆମ୍ବୁଲାନ୍ସ ଯାତାୟତ ହେଉ ନାହିଁ।



ତେଣୁ ଗ୍ରାମବାସୀଙ୍କୁ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆ ନଚେତ୍ ଭାରରେ ବୋହି ରେଖାମାଳ ପର୍ଯ୍ୟନ୍ତ ନେବାକୁ ପଡ଼ିଥାଏ। ସେହିଭଳି ରେଖାମାଳ ଗ୍ରାମରେ ପ୍ରଶାସନ ପକ୍ଷରୁ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ୩ ଶହ ମିଟର ଦୂରରେ ଥିବା ତେନ୍ତୁଳିପଡ଼ା ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଗ୍ରାମର ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ସମସ୍ୟା ଦେଖା ଦେଇଛି। ଛାତ୍ରଛାତ୍ରୀମାନଙ୍କୁ ଡିବିରି ଆଲୁଅ ଭରସା। ବିଦ୍ୟୁତ ନଥିବା ଯୋଗୁଁ ଭାଲୁ ଓ ସରୀସୃପ ପ୍ରାଣୀଙ୍କ ଭୟରେ ସନ୍ଧ୍ୟା ହେଲେ ଗ୍ରାମରେ ତାଟି କବାଟ ବନ୍ଦ ହୋଇଯାଏ। ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ମାତ୍ର ନଳକୂପ ଥିବା ବେଳେ ଖରା ଦିନ ଗୁଡିକରେ ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ହାଣ୍ଡିଏ ପାଣି ପାଇଁ ଭୋର ସକାଳୁ ଉଠି ନଳକୂପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପାଇଁ ପଡୁଛି ।ନଳକୂପରେ ଭିଡ଼ ହେଲେ ୩ ଶହ ମିଟର ଦୂରରେ ଥିବା ଫେଗୁଡ଼ା ଛକ ନିକଟରେ ନଳକୂପ ଉପରେ ନିର୍ଭର କରୁଛନ୍ତି ।ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ ୧ କିଲୋମିଟର ଦୂର କଟିଦୋରା ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କଟିଦୋରା ଅଙ୍ଗନ ବାଡ଼ି କେନ୍ଦ୍ର ଯିବା ପାଇଁ ଚିକିଲି ନଦୀ ପାର ହୋଇ ଯିବା ପାଇଁ ପଡେଯ ତେଣୁ ଅଭିବାହକ ମାନେ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ଗ୍ରାମରେ ବହୁ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ସମସ୍ୟା ନେଇ ବହୁ ବାର ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ମଧ କୌଣସି ସୁଫଳ ମିଳୁନାହ। ତେଣୁ ତୁରନ୍ତ ତେନ୍ତୁଳିପଡ଼ା ଗ୍ରାମର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ଗ୍ରାମର ପ୍ରଫୁଲ୍ଲ ସାନ୍ତା, ପୁଲୁ ସାନ୍ତା, କୃଷ୍ଣ ସାନ୍ତା, ନାଥ ସାନ୍ତା, ଗଙ୍ଗା ସାନ୍ତା, ବଳରାମ ସାନ୍ତା, କୁଶ ସାନ୍ତା ଗୁରୁବାରୀ ସାନ୍ତା, ଦସାଇ ସାନ୍ତା, ନାୟକା ସାନ୍ତା, ସୁନ୍ଦରୀ ସାନ୍ତା, ବାଳମତି ସାନ୍ତା ପ୍ରମୁଖ ଦାବି କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






ବୁଧବାର, ୧୮.୩. ୨୦୨୬

## ମା ସଙ୍କଟ ତାରିଣୀଙ୍କ ପୀଠରେ ୩୦ ତମ ବାଦିପାଲା ଅନୁଷ୍ଠିତ

ବାଲିପାଟଣା (ମହାଭାରତ)ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିର ଅନନ୍ୟ ପ୍ରତୀକ 'ପାଲା' ଗାୟନର ଏକ ଭବ୍ୟ ଆସର '୩୦ତମ ବାଦୀପାଲା ମହୋତ୍ସବ' ସ୍ଥାନୀୟ କୁଳନ୍ତିରା ଶାସନ ଗ୍ରାମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ତିନି ଦଶନ୍ଧି ଧରି ଓଡ଼ିଆ ଅସ୍ମିତା ଓ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଆୟୋଜିତ ଏହି ମହୋତ୍ସବ ଚଳିତ ବର୍ଷ ଶ୍ରଦ୍ଧାଳୁ ଓ କଳାପ୍ରେମୀଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ସୃଷ୍ଟି କରିଛି । ମା' ଶଙ୍କଟ ତାରିଣୀ ପାଲା ଅନୁଷ୍ଠାନ ପକ୍ଷରୁ ପରିବେଶିତ ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲା ଦୁଇ ପ୍ରତିଷ୍ଠିତ ଗାୟକ ପ୍ରଦ୍ୟୁମ୍ନ କୁମାର ପାତ୍ର ଓ ପ୍ରଶାନ୍ତ କୁମାର ମଧ୍ୟରେ 'ବାଦୀପାଲା' ବା ଯୁକ୍ତିତର୍କ ମୂଳକ ପାଲା ପରିବେଷଣ। ଉଭୟ ଗାୟକମାନେ ନିଜର ପାଣ୍ଡିତ୍ୟ ପ୍ରଦର୍ଶନ କରି ସଂସ୍କୃତ ଶ୍ଲୋକ, ଓଡ଼ିଆ ଭଞ୍ଜ ସାହିତ୍ୟ ଏବଂ ପୁରାଣ ବର୍ଣ୍ଣନାରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ମୃଦଙ୍ଗର ତାଳେ ତାଳେ ଝାଞ୍ଜର ଝଙ୍କାର ଓ କଳାକାରଙ୍କ ଚମତ୍କାର ଅଭିନୟ ପରିବେଶକୁ ଭକ୍ତିମୟ କରିବା ସହ ସାହିତ୍ୟିକ ଚମତ୍କାରିତାରେ ଭରି ଦେଇଥିଲା। ଏହି କାର୍ଯ୍ୟକ୍ରମ ୧୬ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୦ ତାରିଖରେ ଶେଷ ହେବ । ଏହି ଉତ୍ସବରେ ମୁଖ୍ୟ କାର୍ଯ୍ୟକର୍ତ୍ତା ଭାବେ ଜଗନ୍ନାଥ ପଣ୍ଡା,ଅମୂଲ୍ୟ ପ୍ରଧାନ,ବିଶ୍ୱନାଥ ସ୍ୱାଇଁ, ବାପି ଭୋଇ ,ବାବୁ ମହାନ୍ତି ଙ୍କ ସହିତ କୁଳନ୍ତିରା ଓ ଗୋବିନ୍ଦପୁର ଗ୍ରାମର ଶତାଧିକ ପାଲାପ୍ରେମୀଙ୍କ ସମାଗମ ହୋଇ ରାତି ସାରା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ମା ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ତଦନ୍ତକାରି କମିଟି ପରିଦର୍ଶନ



ବିଷମକଟକ,(ମହାଭାରତ): ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ତଦନ୍ତକାରି କମିଟି ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଶିକ୍ଷା ବର୍ଷ ୨୦୨୫-୨୬ ନିମନ୍ତେ ମା ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ । ଏହି ଦଳରେ ଶ୍ରୀ ରଞ୍ଜନ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ, ଡଃ. ବି. ବି. ନନ୍ଦ ଆସିଷ୍ଟାଣ୍ଟ ପ୍ରଫେସର ଓ ଡଃ. ଶ୍ୟାମା ମହାପାତ୍ର, ଆସିଥିଲେ। ଏହି ଅବସରରେ ସେମାନେ କଲେଜର ସମସ୍ତ ନଥିପତ୍ର, ପରୀକ୍ଷାଗାର, ଗ୍ରନ୍ଥାଗାର, ଓ ବିଜ୍ଞାନ ବିଭାଗର ସମସ୍ତ ପ୍ରୟୋଗଶାଳାକୁ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ଏହା ସହିତ ଶେଷବର୍ଷର ଛାତ୍ର ଛାତ୍ରୀ ମାନଙ୍କସହ ଆଲୋଚନା କରିଥିଲେ । ପରିଶେଷରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଅଣକର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ।

## ଦିବ୍ୟାଙ୍ଗ ଅଭିଭାବକ ଓ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କର୍ମଶାଳା



କୃଷ୍ଣପ୍ରସାଦ , (ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଦିବ୍ୟାଙ୍ଗ ମାନଙ୍କ ଅଭିଭାବକ ଓ ଶିକ୍ଷକ ମାନଙ୍କର ଅନ୍ତଃନିବେଶୀ ଶିକ୍ଷା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆରସିସି ସିଦ୍ଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଦିବ୍ୟାଙ୍ଗ ମାନଙ୍କର ଅଧିକାର, ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗ କିପରି ଦିବ୍ୟାଙ୍ଗ ମାନଙ୍କ ନିକଟରେ ପହଁଚି ପାରିବ, ସେମାନଙ୍କୁ ମିଳୁଥିବା ଦିବ୍ୟାଙ୍ଗ ଉପକରଣ ଗୁଡ଼ିକର ଯତ୍ନ ଏବଂ ସୁରକ୍ଷା, ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ଦାନର ବ୍ୟବସ୍ଥା, ଦିବ୍ୟାଙ୍ଗ ଅଭିଭାବକ ମାନଙ୍କର ଦାୟିତ୍ୱ ଏବଂ ସେମାନଙ୍କର ଯତ୍ନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷକ ମାହୁନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ମନୋଜ କୁମାର ଲେଙ୍କା, ସିଆରସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ୟୁଜି ୟୁପି ସ୍କୁଲ, ରାମଚଣ୍ଡୀ ନୋଡାଲ ବିଦ୍ୟାପୀଠ, ମାଲୁଦ ପ୍ରାଥମିକ ବିଦ୍ୟାଳୟ ପରିସରରେ ପୃଥକ ପୃଥକ ଭାବେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ୧୨୦ ଜଣ ଅଭିଭାବକ ଏବଂ ଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ । ସମ୍ବଳ ଶିକ୍ଷୟତ୍ରୀ ହରପ୍ରିୟା ବେହେରା, ଜିତେନ୍ଦ୍ର କୁମାର ମାଝୀ, ଗଣେଶ୍ୱର ସାହୁ, ଶିବରାମ ନାୟକ, ବିଚିତ୍ରା ଜାଲି, ପ୍ରତାପ କୁମାର ଖୁଣ୍ଟିଆ, ମୀନା କୁମାରୀ ସାହୁ, ପ୍ରଭାକର ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ଚିଲିକା ନୂଆପଡା ଦଶଦୋଳ ମେଳଣ



କୃଷ୍ଣପ୍ରସାଦ(ମହାଭାରତ ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରସିଦ୍ଧ ଐତିହାସିକ ଚିଲିକା ନୂଆପଡା ଦଶଦୋଳ ଯାତ୍ରା ମହୋତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇ ଠାକୁରମାନେ ଦୋଳ ବେଦିରୁ ମେଲାଣି ନେଇଛନ୍ତି । ଚାରି ଦିନ ଧରି ଏହି ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ପିଠାଧୀଶ ତଥା ଆରାଧ୍ୟ ଶ୍ରୀ ଗୁପ୍ତେଶ୍ୱର ଦେବଙ୍କ ନିମନ୍ତ୍ରଣକ୍ରମେ ଆଖପାଖ ଗ୍ରାମରୁ ପ୍ରାୟ ୧୭ରୁ ଉର୍ଦ୍ଧ୍ୱ ଠାକୁର ବିମାନରେ ଆସି ମେଳଣ ପଡ଼ିଆରେ ଉପସ୍ଥିତ ହୋଇଥିଲେ । ହଜାର ହଜାର ଭକ୍ତଙ୍କ ଗହଳ ଚହଳରେ ସ୍ଥାନୀୟ ଗ୍ରାମର ଠାକୁରମାନେ ବିମାନରେ ଏକ ଶୋଭାଯାତ୍ରାରେ ଯାଇ ଦୋଳ ବେଦିରେ ବିରାଜମାନ ହୋଇଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଗତ ଶନିବାର ରାତ୍ରରେ ଠାକୁର ବିମାନରେ ମେଳଣ ପଡ଼ିଆରେ ବିରାଜମାନ କରିବା ପରେ ଥାନପତିଙ୍କ ନିମନ୍ତ୍ରଣରେ ପାରମ୍ପରିକ ରୀତିନୀତି ଅନୁସାରେ ମେଳଣ ପଡ଼ିଆରେ ଠାକୁରମାନଙ୍କ ନୀତିକାନ୍ତି କରାଯାଇଥିଲା। ବ୍ରାହ୍ମଣମାନଙ୍କ ବେଦ ଧ୍ୱନିରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା । ଆମ ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସଂକୀର୍ତ୍ତନ ଓ ଭାରତଲୀଳା ସହ ଗ୍ରାମ୍ୟ ସଂସ୍କୃତିର ଲୋକକଳା ଏବଂ ରାତ୍ର କାଳରେ ଖୋଲା ମଞ୍ଚରେ ଅପେରା ପାର୍ଟି ନାଟକ ପରିବେଷଣ କରାଯାଇଥିଲା ।ଗ୍ରାମବାସୀ ଓ ତଥା ଆଖପାଖ ଗ୍ରାମର ଲୋକେ ଦୋଳ ଉତ୍ସବକୁ ଉପଭୋଗ କରିଥିଲେ ।ମେଳଣ ପଡ଼ିଆରେ ସ୍ଥାନୀୟ ଅଞ୍ଚଳର ବହୁ ଭୋଗ ଦୋକାନୀ ପସରା ମେଲାଇବା ସହିତ ଲୋକମାନେ ଚଟପଟି ଖାଦ୍ୟର ମଜା ନେଇଥିଲେ । ପରିବାରର ସମସ୍ତ ସଦସ୍ୟ ତଥା ବନ୍ଧୁବାନ୍ଧବ ଯାତ୍ରା ବୁଲିବା ସହିତ ଘର କରଣା ଜିନିଷ କିଣି ନେଉଥିବାର ଦେଖିବାକୁ ମିଳିଥିଲା । ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ମେଳଣ ପଡ଼ିଆରେ ଭାବର ବିନିମୟ କରିବା ସହ ତାଙ୍କ ଅମଳର ଯାତ୍ରା ଏବେର ଯାତ୍ରାର ଥିବା ପାର୍ଥକ୍ୟକୁ ନେଇ ମତ ଉପସ୍ଥାପନ କରିଥିଲେ । ଗ୍ରାମବାସୀ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ । ଚିଲିକା ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ ସମେତ ୩୫ ଜଣ ସଭ୍ୟ ଏବଂ ନୂଆପଡା ୪୫୦ ଘର ଗ୍ରାମବାସୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ବିଚିତ୍ରାନନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

# ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ଼ : ( ମହାଭାରତ ) ପ୍ରାଚୀନ ଧର୍ମଧାରାର ପ୍ରତୀକ ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ ଥୁଆଙ୍ଗ ପଦର ପାଟଖଣ୍ଡା ବୁଢ଼ା ରଜାଙ୍କ ପୀଠ ଏନେଇ ଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି,ମୁଗ, କୋଳଥ, ମକା, ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ନଦୀରୁ ବାଲି କଢାଯାଇଥିଲା । ପରେ ୭ଟି ନୂଆଁ ଚାଙ୍ଗଡିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ। ନିକଟସ୍ଥ ତାଦିଶୋରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକ ମାନେ ବେଲ କଣ୍ଟାରେ ଝାମେର ଦୋଳି ପ୍ରସ୍ତୁତ କରିଥିଲେ । ଯାତ୍ରା ଦିନ ବେଳକ□। ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଡହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତ ମାନେ ମାନସିକ ଅନୁଯାୟୀ ଛେଳି,କୁକୁଡ଼ା ଓ ପାରା ବଳି ଦେଇଥିଲେ ।ପାଟଖଣ୍ଡା ବୁଢ଼ାରଜା ମୁଖ୍ୟ ପୂଜକ ବାନ ମାଝୀ, ଉଆଁସୁ ହରିଜନ ବାହୁକ ବିଟୁ



ମାଝୀ,ବୁଡାରଜା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ରାମଚନ୍ଦ୍ର ମାଝୀ, ବିଜୟ ମାଝୀ, ପ୍ରଦୀପ ମାଝୀ, ବିସ୍ନୁ ମାଝୀ, ଭଦ୍ର ମାଝୀ, ଶଶୀ ମାଝୀ, ଶିବ ମାଝୀ, ଲାଇ ମାଝୀ, ବିଘ୍ନ ମାଝୀ, ଛବି ମାଝୀ,ଟିକେ ଲାଲ ମାଝୀ, ବିଷ୍ଣବ ମାଝୀ,ସମେତ ଗ୍ରାମବାସି ସହଯୋଗ କରିଥିବା ବେଳେ ପାଟଖଣ୍ଡା ବୁଢ଼ାରଜାଙ୍କ ଝାମୁ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା ।

# ଜ୍ଞାନ ପ୍ରକାଶ ଗଜପତି ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ




ପାରଳାଖେମୁଣ୍ଡି(ମହାଭାରତ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସଭାଗୃହରେ ଜ୍ଞାନପ୍ରକାଶର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜ୍ଞାନ ପ୍ରକାଶର ଜିଲ୍ଲା ମୁଖ୍ୟ ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର , ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଆଶାଲତା ପାଣିଗ୍ରାହୀ ଓ ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗ ଦେଇଥିଲେ। ଅତିଥି ମାନେ ଶିକ୍ଷାର ବିକାଶ ନିମନ୍ତେ ଜ୍ଞାନ ପ୍ରକାଶ କରୁଥିବା କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଆସନ୍ତା ଅଗଷ୍ଟ ମାସ ୦୨ ତାରିଖରେ ଆୟୋଜିତ ହେବାକୁ ଥିବା ଜ୍ଞାନ ପ୍ରକାଶର ଜାତୀୟ ସ୍ତରୀୟ ଉତ୍ସବର ପ୍ରଚାର ପତ୍ର ଅତିଥି ମାନଙ୍କ କରକମଳରେ ଉନ୍ମୋଚନ କରାଯାଇଥିଲା ।ଏହି ଅବସରରେ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ରର ନୃତ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ଡି. ପ୍ରିୟଙ୍କାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ରାଜେନ୍ଦ୍ର କୁମାର ରଥ ଅତିଥି ମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଶ୍ରୀମତୀ ଅନୁଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରୀ ରାମଚନ୍ଦ୍ର ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜ୍ଞାନ ପ୍ରକାଶ ପରିବାରର ବିଭିନ୍ନ ବ୍ଲକର ସଂଯୋଜକ ଶ୍ରୀ ନିର୍ମଳ ଚନ୍ଦ୍ର ଭୂୟାଁ (ଗୋଷାଣୀ), ଶ୍ରୀ ମନୋଜ କୁମାର ପଣ୍ଡା (ରାୟଗଡ଼), ସୁଶ୍ରୀ ଅଞ୍ଜନା ପଟ୍ଟନାୟକ (ଗୁମ୍ମା) ଶ୍ରୀମତୀ ଇତିଶ୍ରୀ ମହାପାତ୍ର (ଆର.ଉଦୟଗିରି), ବିଷ୍ଣୁପ୍ରିୟା ମଣ୍ଡଳ (ମୋହନା), ଶ୍ରୀମତୀ ମୀନା କୁମାରୀ ଟହଲ (କାଶୀନଗର)ଓ ଶ୍ରୀମତୀ ଅନୁଶ୍ରୀ ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମ ଶେଷରେ ଶ୍ରୀମତୀ ବବିତା ପୁରୋହିତ ସମସ୍ତ ଅତିଥିବୃନ୍ଦ, ଉପସ୍ଥିତ ଦର୍ଶକ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ସୁରକ୍ଷା ମହାସଂଘ ତରଫରୁ ଦାବୀ ଉପସ୍ଥାପନ

ଦଶପଲ୍ଲା,(ମହାଭାରତ): ଜଙ୍ଗଲର ଆବଶ୍ୟକତା ମଣିଷ ସମାଜ ଓ ପରିବେଶ ସନ୍ତୁଳନ ପାଇଁ ନିତାନ୍ତ ଦରକାରୟ ସରକାର ଙ୍କ ତରଫରୁ ବିଭିନ୍ନ ଗ୍ରାମର ଗ୍ରାମବାସୀ ଙ୍କ ସହଯୋଗ ରେ ନିଜ ନିଜ ଗ୍ରାମ ପାଖା ପାଖି ଜଙ୍ଗଲ ର ସୁରକ୍ଷା କରିବା ପ୍ରଥା ବହୁ ଦିନରୁ ଚାଲିଆସିଛି। ତେବେ ଜଙ୍ଗଲ ସୁରକ୍ଷା ଆଇନ ୨୦୧୨ ପ୍ରଣୟନ ଓ କାର୍ଯ୍ୟ କାରି ବର୍ତମାନ ହେଉଛ। ଅନେକ ସମୟରେ ସାଧାରଣ ଜନତା ଜଙ୍ଗଲ ସୁରକ୍ଷା ସହିତ ଜଙ୍ଗଲ ବିଭିନ୍ନ ଜିନିଷ କୁ ଆମଦାନୀ କରି ନିଜର ପରିବାର ର ଭରଣ ପୋଷଣ କରିଥାନ୍ତି। ମାତ୍ର ସରକାର ବିଭିନ୍ନ ସମୟରେ ଅନେକ ପ୍ରତିବନ୍ଧକ ଏଥିରେ ଲଗାଇଥାନ୍ତି। ଏହାର ପ୍ରତିବାଦ ସ୍ୱରୂପ ନୟାଗଡ ଜିଲ୍ଲା ଜଙ୍ଗଲ ସୁରକ୍ଷା ମହାସଂଘ ତରଫରୁ ଭାରତ ସରକାର ଙ୍କ ମାନବ ଅଧିକାର କମିଶନ ଙ୍କୁ ନିଜର ବିଭିନ୍ନ ଦାବୀ ଜଣାଇଥିଲେ। ସେ ଗୁଡିକ ମଧ୍ୟରେ ରିଜର୍ଭ ଜଙ୍ଗଲ ରେ ଅଧିକାର ଜନସାଧାରଣ ଙ୍କୁ ପ୍ରଦାନ କରିବା,ଅଣ ପାରମ୍ପରିକ ଅଧିକାର କୁ ଗୁରୁତ୍ୱ,ଜଙ୍ଗଲ ଜମି ଭୋଗ କରୁଥିବା ଲୋକଙ୍କୁ ଅଗ୍ରାଧିକାର ଦେବା, ଜଙ୍ଗଲ ସରହଦ ଚିହ୍ନଟ କରିବା ତଥା ଜଙ୍ଗଲ ଯାତ ଦ୍ରବ୍ୟ ସଂଗ୍ରହ କୁ ଅଗ୍ରାଧିକାର ଦେବା ଆଦି ଦାବୀ ଉପସ୍ଥାପନା ହୋଇଥିଲା। ଏଥିରେ ସମସ୍ତ କର୍ମ କର୍ତ୍ତା ଙ୍କ ଦସ୍ତଖତ ସହିତ ମହାସଂଘ ର ସମ୍ପାଦକ କିଶୋର ଚନ୍ଦ୍ର ଦଳବେହେରା, ଦଶପଲ୍ଲା ଜୋନ ର ସଭାପତି ଆଦିକନ୍ଦ ପ୍ରଧାନ ମଧ୍ୟ ଦସ୍ତଖତ ରହିଥିଲା।

## ରାସ୍ତା ଜାମରେ ଚାରି ଘଣ୍ଟା ଫସିଲା ଆମ୍ବୁଲାନ୍ସ ଯାତାୟତ ପୁରା ଠପ୍




ଯୋଡା,(ମହାଭାରତ ) ଯୋଡା ବୟମେ ବାରି ଥାନା ଅନ୍ତର୍ଗତ କାଳୀ ମାଟି - ନୟାଗଡ଼ ରାସ୍ତାରେ ମଙ୍ଗଳ ବାର ସକାଳୁ ରାସ୍ତା ଜାମ ଯୋଗୁଁ ଦୀର୍ଘ ଚାରି ଘଣ୍ଟା ଧରି ଆମ୍ବୁଲାନ୍ସ ଫସି ରହିବା ସହିତ ଯାତାୟାତ ଠପ୍ ହୋଇ ଯାଇଥିଲା ।ଯାହାକୁ ନେଇ ଜନସାଧାରଣ ରେ ଉତ୍ତେଜନା ପ୍ରକାଶ ପାଇଥିଲା ।ଲୋକେ ଅଭିଯୋଗ କରି ଥିଲେ ଯେ, ଦବୁନୟ ଠାରେ ଥିବା କାରଖାନା କୁ ବହୁ ସଂଖ୍ୟାରେ ବିଭିନ୍ନ ଖଣିରୁ ଟ୍ରକ୍ ଦ୍ୱାରା ଖଣିଜ ପରିବହନ ହେଉଛି ।ସଂପୃକ୍ତ କାରଖାନା ପକ୍ଷରୁ ଟ୍ରକ୍ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଚାରି ପାଞ୍ଚ ଲାଇନ୍ ରେ ଟ୍ରକ୍ ଗୁଡ଼ିକ ଠିଆ ହୋଇ କବଜା କରି ରଖୁଛନ୍ତି ।ଯାହାଫଳରେ ଟ୍ରାଫିକ ସମସ୍ୟା ଉପୁଜି ଘଣ୍ଟା ଘଣ୍ଟା ଧରି ଛୋଟ ଯାନବାହାନ,ସ୍କୁଲ,ବସ, ଅଟୋ,ବାଇକ୍ ଆରୋହୀ ଫସି ରହୁଛନ୍ତି ।ମଙ୍ଗଳବାର ଦବୁନା ରୁ ଯୋଡା କୁ ରୋଗୀ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ଟି ନୟାଗଡ଼ ର ହାତୀ ମରୟ ଛକ ନିକଟରେ ସକାଳ ୭ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ଫସି ରହିଥିଲା । ଏ ନେଇ ସ୍ଥାନୀୟ ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ଯେ,କାରଖାନା ପକ୍ଷରୁ ରାସ୍ତା ନିର୍ମାଣ ଓ ପାର୍କିଂ ନ କରି ଅତି ବେପରୁଆ ଭାବେ ପ୍ରତି ଦିନ ହଜାର ହଜାର ସଂଖ୍ୟାରେ ଟ୍ରକ୍ ଦ୍ୱାରା ଖଣିଜ ପରିବହନ କରୁ ଅଛି ।ବୟମେବାରି ଠାରୁ କାଳୀମାଟି,ଏବଂ କାଳିମା ଟି ଠାରୁ ନୟାଗଡ଼ ଓ ଦବୁନା ପର୍ଯ୍ୟନ୍ତ ରାସ୍ତା ସୋଚନୀୟ ହେବ। ସହିତ ସବୁ ବେଳେ ରାସ୍ତା ଜାମ ଲାଗି ରହୁଛି ।ଖଣିଜ ବୋଝେଇ ଟ୍ରକ ଚଳାଚଳ ସମୟରେ କାରଖାନା ପକ୍ଷରୁ କୌଣସି ଟ୍ରଫିକ ବ୍ୟବସ୍ଥା କରାଯାଉ ନାହିଁ ।ରାସ୍ତା ଜାମ ସମୟରେ ଲୋକେ ଏଠାରେ ଯାତାୟାତ କରି ପାରୁ ନାହାଁନ୍ତି ।ଏଥିପାଇଁ ପ୍ରତି ଦିନ ଧୂଳି ଧୂଆଁ ରେ ଲୋକେ ଅତିଷ୍ଠ ହେବା ସହିତ ଦୁର୍ଘଟଣା ର ସମ୍ମୁଖିନ ହେଉଛନ୍ତି। ଏ ନେଇ ପ୍ରଶାସନ କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏଠାରେ ବ୍ୟବସାୟ କରି ସଂପୃକ୍ତ କାରଖାନା ମାଲିକ ମାନେ କୋଟି କୋଟି ଟଙ୍କା ମୁନାଫା କମାଉଥିଲେ ହେଁ ଖଣି ଅଞ୍ଚଳ ର ଗମନାଗମନ ର ବିକାଶ ପ୍ରତି କୌଣସି ଦୃଷ୍ଟି ଦେଉ ନାହାନ୍ତି ।ଅନ୍ୟ ପକ୍ଷରେ ସରକାର ଖଣିରୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉ ଥିଲେ ହେଁ ଏ ଅଞ୍ଚଳ ର ବିକାଶ ପ୍ରତି କୌଣସି ଯୋଜନା ପ୍ରସ୍ତୁତ କରୁନାହାନ୍ତି ବୋଲି ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି ।

# ପବିତ୍ର ରଷିକୂଲ୍ୟା ସଙ୍ଗମ ସ୍ଥଳରେ ମହାବାରୁଣୀ ସ୍ନାନ ସହ ଗଙ୍ଗା ଆଳତୀ



ଆସିକା (ମହାଭାରତ) ପୁରାଣ ବର୍ଣିତ ଗଙ୍ଗା ନଦୀଠାରୁ ୧୦୦ ବର୍ଷରେ ବଡ଼ ପବିତ୍ର ରଷିକୂଲ୍ୟା ସଙ୍ଗମ ସ୍ଥଳରେ ମହାବାରୁଣୀ ସ୍ନାନ ଅନୁଷ୍ଠିତ । ପବିତ୍ର ରଷିକୂଲ୍ୟା ନଦୀର ଉତ୍ତର ବାଙ୍କ ଅର୍ଥାତ ଆସିକା ପୁଡୁଗେଶ୍ୱର ପଲ୍ଲୀ ସ୍ଥିତ ବୁଡ଼ ତୋଟା ଠାରେ ପବିତ୍ର ମହାବାରୁଣୀ ସ୍ନାନ ଆଜି ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆଧାମ୍ବିକ ବାଦୀ ସନ୍ତୋଷ କୁମାର ପାଣିଗ୍ରାହୀ ଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣ ପୁରୋହିତ ସଙ୍ଘ ପକ୍ଷରୁ ସଙ୍ଗମ ସ୍ଥଳଠାରେ ସକାଳେ, ମଧାହ୍ନ ଓ ସନ୍ଧ୍ୟା ସମୟରେ ଗଙ୍ଗା ଆଳତୀ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଥାଉକି ରଷୁକୁଲ୍ୟା ଓ ବଡ଼ ନଦୀର ପବିତ୍ର ସଙ୍ଗମ ସ୍ଥଳରେ ପ୍ରତି ବର୍ଷ ଚୈତ୍ରମାସ କୃଷ୍ଣ ପକ୍ଷ ଚତୁର୍ଦଶୀ ତିଥିରେ ବୁଡ଼ପାଳନ କରାଯାଏ। ଲୋକଙ୍କ ବିଶ୍ୱାସ ଏହି ବୁଡ଼ ସ୍ଥଳରେ ପିତୃପୁରୁଷଙ୍କ ଅସ୍ତି ବିସର୍ଜନ କଲେ ସେମାନଙ୍କ ଆତ୍ମା ସଦଗତି ମିଳିଥାଏ । ଚଳିତ ବର୍ଷ ଶନିବାର ରେ ଏହି ବୁଡ଼ ପଡ଼ିଥିବାରୁ ଏହି ମହାବାରୁଣୀ ସ୍ନାନ ହୋଇଥିବାରୁ ଆଜି ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଛି ବୁଡ଼ ସ୍ଥଳକୁ। ଜିଲ୍ଲା ତଥା ଜିଲ୍ଲା ବାହାରର ହଜାର ହଜାର ଭକ୍ତ ନିଜ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିବା ସହ ଅସ୍ତି ବିସର୍ଜନ କରି ଛନ୍ତି ।କୁହାଯାଏ ଏହି ରଷୁକୂଲ୍ୟ ନଦୀ ର ଏକ ପୁଣ୍ୟତ୍ରୟା ନଦୀ ଏଠାରେ ଅସ୍ତି ବିସର୍ଜନ କଲେ ପିତୃପୁରୁଷଙ୍କ ସଦଗତି ପ୍ରାପ୍ତି ହୋଇଥାଏ ।ସେଥିପାଇଁ ପ୍ରତି ବର୍ଷ ଏଠାକୁ ଲକ୍ଷାଧିକ ଲୋକଙ୍କ ସୁଅ ଛୁଟେ ।ଗତ କାଲି ସନ୍ଧ୍ୟା ସମୟରୁ ହିଁ ଏଠାରେ ବିଭିନ୍ନ ସ୍ଥାନରୁ ଲୋକ ଆସି ଭିଡ଼ ଜମାଇଛନ୍ତି ।ଫଳରେ ବ୍ରହ୍ମପୁର ଓ ଭଞ୍ଜନଗର ମୁଖ୍ୟ ରାସ୍ତା ଓ ଆସିକା ସୋରଡା ରାସ୍ତା ରେ ଅତ୍ୟଧିକ ଜନ ସମାଗମ ଫଳରେ ଟ୍ରାଫିକ ସମସ୍ୟା ମଧ୍ୟ ବହୁ ମାତ୍ରରେ ବୃଦ୍ଧି ପାଇଥିଲା। ଟ୍ରାଫିକ ସମସ୍ୟା ଓ ଜନ ଗହଳି କୁ ଦୃଷ୍ଟି ରେ ରଖି ଆସିକା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।ଏପରିକି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଓ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ଜନ ଗହଳ ସ୍ଥାନ ରେ ରହି ସୁରକ୍ଷା ବ୍ୟବସ୍ଥା ସହ ଟ୍ରାଫିକ ସମସ୍ୟା କୁ ଅନୁଧାନ କରୁଥିବା ଦେଖିବାକୁ ମିଳିଛି। ଏହି ମହାବାରୁଣୀ ପରିଚାଳନା ସକାଶେ ,ଆସିକା ଅତିରିକ୍ତ ତହସିଲଦାର ଅମରେଶ କୁମାର ସାବତ ଆସିକା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର , ଇନ୍ସପେକ୍ଟର ସୌମ୍ୟ ରଞ୍ଜନ ଜେନା, ଏ ଏସ ଆଇ ଶୁଭାଶିଷ ସ୍ୱାଇଁ, ବସନ୍ତ କୁମାର ବେହେରା,ବରିଷ୍ଠ ଆଇନଜିବି ଅନିଲ କୁମାର ପାଣିଗ୍ରାହୀ, ସାମ୍ବାଦିକ କମଳେନ୍ଦୁ ହୋତା ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ୍, ହରିହର ହାଇସ୍କୁଲ ସ୍କାଉଟ,ଏନ ସି ସି, ଦେବଭୂମି ଏନ ସି ସି ସମେତ ଏଭି ବିପି ସଙ୍ଘ,ସତ୍ୟସାଇ ସଙ୍ଘ,ପୁଡୁଗେଶ୍ୱର ପଲ୍ଲୀ ଗ୍ରାମ୍ୟ କମିଟି ପ୍ରମୁଖ ସହଯୋଗ କରିଥିଲେ ।

# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

# ମହର୍ଷି କପିଳ ଓ ପଞ୍ଚ ରତ୍ନ



ମହର୍ଷି କପିଳ ପ୍ରତିଦିନ ନିଜ ଆଶ୍ରମରୁ ଗଙ୍ଗା ସ୍ନାନ କରିବା ପାଇଁ ଯାଉଥିବା ମାର୍ଗରେ ଏକ ଛୋଟିଆ ଗାଁ ପଡିଥାଏ। ଯେଉଁଠାରେ କିଛି କୃଷକ ପରିବାର ରହୁଥିଲେ। ଯେଉଁ ମାର୍ଗରେ ମହର୍ଷି କପିଳ ସ୍ନାନ କରିବା ପାଇଁ ଯାଉଥିଲେ ସେହି ମାର୍ଗରେ ଜଣେ ବିଧବା ବ୍ରାହ୍ମଣୀର କୁଟିଆ ମଧ ପଡୁଥିଲା। ସେହି ମାର୍ଗରେ ଯିବା ସମୟରେ ସେହି ବିଧବା ବ୍ରାହ୍ମଣୀ ଜଣକ କେବେ ଚରଖା କାଟୁଥିଲେ ତ କେବେ ଧାନ କୁଟିଥିବାର ଦୃଶ୍ୟ। ଦିନେ ବିଚଳିତ ହୋଇ ମହର୍ଷି ଉକ୍ତ ବ୍ରାହ୍ମଣୀଙ୍କୁ ଏହାର କାରଣ ପଚାରିଥିଲେ। ପଚାରିବାରେ ଜଣାପଡିଥିଲା ଯେ, ବ୍ରାହ୍ମଣୀ ଘରେ ତାଙ୍କ ପତିଙ୍କ ବିନା ଆଉ କେହି ରୋଜଗାରିଆ ନଥିଲେ। ପତିଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ।

ବ୍ରାହ୍ମଣୀର ଏହି ଅବସ୍ଥା ଦେଖି କପିଳ ମୁନିଙ୍କର ଦୟା ଆସିଥିଲା ଏବଂ ସେ ବ୍ରାହ୍ମଣୀ ପାଖକୁ ଯାଇ ଦେବୀ! ମୋ ଏଇ ନିକଟରେ ଥିବା ଆଶ୍ରମର କୁଳପତି କପିଳ। ମୋର ଅନେକ ଶିଷ୍ୟ ରହିଛନ୍ତି ଯେଉଁମାନେ କି ରାଜପରିବାର। ଯଦି ତୁମେ ଚାହିଁବ ତେବେ ମୁଁ ତୁମ ରୋଜଗାରର ସ୍ଥାୟୀ ବ୍ୟବସ୍ଥା କରିପାରିବି। ତୁମର ଏହି ଅସହାୟ ଅବସ୍ଥା ମୁଁ ଦେଖି ପାରୁନାହିଁ।

ବ୍ରାହ୍ମଣୀ ହାତଯୋଡ଼ି ମହର୍ଷିଙ୍କ ପ୍ରତି ଆଭାରବ୍ୟକ୍ତ କରି କହିଥିଲା- ମୁନିବର, ଆପଣଙ୍କର ଏହି ଦୟାଳୁତା ମୁଁ ଆପରଣଙ୍କର କୃତଜ୍ଞ। କିନ୍ତୁ ଆପଣ ମୋତେ ଚିହ୍ନିବାରେ ଭୁଲ୍ କରିଛନ୍ତି। ନା ମୁଁ ଅସହାୟ ନା ନିର୍ଧନ। ଆପଣ ହୁଏତ ଦେଖିନାହାନ୍ତି। ମୋ ପାଖରେ ଏପରି ୫ଟି ରତ୍ନ ରହିଛି ଯେଉଁଥିରେ ମୁଁ ଚାହିଁଲେ ରାଣୀ ପରି ଜୀବନଯାପନ କରିପାରିବି। କିନ୍ତୁ ମୁଁ ଏପର୍ଯ୍ୟନ୍ତ ଏହାର ଆବଶ୍ୟକତା ଅନୁଭବ କରିନାହିଁ । ତେଣୁ ମୁଁ ପାଞ୍ଚ ରତ୍ନକୁ ମୋ ନିକଟରେ ସୁରକ୍ଷିତ ରଖିଛି। କପିଳ ମୁନି ବିଧବା ବ୍ରାହ୍ମଣୀଙ୍କର କଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିଲେ ଦେବୀ! ଯଦି ଆପଣ ଅନୁଚିତ ନ ଭାବିବେ ତେବେ ଆପଣଙ୍କର ପାଞ୍ଚ ଅମୂଲ୍ୟ ରତ୍ନ ମୋତେ ଦେଖାଇପାରିବେ? ଆପଣଙ୍କ ପାଖରେ ଏପରି କ'ଣ ଅମୂଲ୍ୟ ରତ୍ନ ରହିଛି ତାହା ଦେଖିବାକୁ ଚାହୁଁଛି।

ବ୍ରାହ୍ମଣୀ ଆସନ ବିଛାଇ ମୁନିବରଙ୍କୁ ବସିବାକୁ କହିଲେ। ଏହାପରେ ସେ ମୁନିବରଙ୍କୁ ରତ୍ନ ଦେଖାଇବା ପାଇଁ କହି ଚରଖା କାଟିବାକୁ ଲାଗିଲେ। କିଛି ସମୟରେ ପରେ ବ୍ରାହ୍ମଣୀଙ୍କର ପାଞ୍ଚପୁତ୍ର ବିଦ୍ୟାଳୟରୁ ଫେରିଲେ। ସେମାନେ ଆସି ମହର୍ଷି ଏବଂ ମା'ଙ୍କ ପାଦ ଛୁଇଁ କହିଲେ ମା' ଆମେ ଆଜି ମଧ କାହାକୁ ମିଥ୍ୟା କହିନାହୁଁ। କାହାକୁ କଟୁ ବଚନ କହିନାହୁଁ, ଗୁରୁଦେବ ଯାହା ଶିକ୍ଷା ଦେଲେ ଏବଂ କହିଲେ ଏହାକୁ ପରିଶ୍ରମ ପୂର୍ବକ ପୂରା କଲୁ।

ମହର୍ଷି କପିଳଙ୍କୁ ଆଉ କୌଣସି ଉତ୍ତର ପାଇବା ପାଇଁ ଆବଶ୍ୟକ ପଡ଼ିଲା ନାହିଁ। ସେ ବ୍ରାହ୍ମଣୀଙ୍କୁ ପ୍ରଣାମ କରି କହିଥିଲେ ଦେବୀ! ବାସ୍ତବରେ ଆପଣଙ୍କ ପାଖରେ ଅତି ବହୁମୂଲ୍ୟ ରତ୍ନ ରହିଛି । ଏପରି ଅନୁଶାସିତ ପିଲା ଯେଉଁ ଘରେ ବା ଦେଶରେ ଥିବେ ଆଉ କୌଣସି ଚିନ୍ତା କରିବାକୁ ପଡ଼ିବ ନାହିଁ।

## ବ୍ରହ୍ମକପାଳ ତୀର୍ଥ

ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି ରହିଲା ।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ । ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ। ସେଠାରେ। ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା। ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।




# କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେୟ ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ ନାହିଁ।

# କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ

ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।



**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

ଶୁକ୍ରବାର: ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ ପ୍ରାପ୍ତ ହୋଇଥାଏ।

**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।



# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିଅନସିପରେ ରୀତିକାଙ୍କ କମାଲ



ଚଣ୍ଡୀଗଡ,୧୭।୩ ; ପଞ୍ଜାବ ୟୁନିଭରସିଟିରେ ଅନୁଷ୍ଠିତ ହୋଇଥିବା ଅଲ ଇଣ୍ଡିଆ । ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗୀତାରେ କମାଲ କଲେ ରୀତିକା ଦାସ। ବାଲାସିଂଗ ବିମରେ ୧୦.୨୦୦ ପଏଣ୍ଟ ରଖି ରୋପ୍ୟ ପଦକ ଏବଂ ୧୯୬.୬୦୦ ପଏଣ୍ଟରେ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ରୀତିକା। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏବଂ ତାଙ୍କ କର୍ମକର୍ତ୍ତାମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତିୟ ଏହାସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା ମଧ୍ୟ କରିଥିଲେ।

ସୂଚନା ଅନୁସାରେ, ରୀତିକା ମାତ୍ର ୬ ବର୍ଷ ବୟସରୁ ଜେଏମ ସ୍ପୋର୍ଟସ ଏକାଡେମୀରେ ଜିମ୍ନାଷ୍ଟିକ ପ୍ରଶିକ୍ଷଣ ନେଉଛନ୍ତେ। ପିଲାଦିନରୁ ତାଙ୍କର ଅଲ ଇଣ୍ଡିଅ। ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକରେ ସ୍ୱର୍ଣ୍ଣ ପଦକ ପାଇବା ସ୍ୱପ୍ନ ଥିଲା। ତେଣୁ ସେ ନିଜ ଲକ୍ଷ ପୂରଣ ପାଇଁ ଅହରହ ପରିଶ୍ରମ କରିଥିଲେ। ଆଉ ଶେଷରେ ତାଙ୍କ ସ୍ୱପ୍ନ ସାକାର ହେଲା। ଚଳିତ ବର୍ଷ ପଞ୍ଜାବ ୟୁନିଭରସିଟିରେ ଆୟୋଜିତ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ପ୍ରତିଯୋଗୀତାରେ ସେ ଉଭୟ ରୌପ୍ୟ ଏବଂ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ତେବେ ତାଙ୍କର ଏହି ସଫଳତା ପରେ ତାଙ୍କୁ ପ୍ରଶଂସାର ସୁଅ ଛୁଟୁଛି।

# ଆର୍ଥିକ ନିୟମ ଉଲ୍ଲଂଘନରେ ଚେଲସିକୁ ୧୩୧ କୋଟି ଜରିମାନା, ଟ୍ରାନ୍ସଫର୍

ଲଣ୍ଡନ,୧୭।୩: ଇପିଏଲ୍ (ଇଂଲିସ୍ ପ୍ରିମିୟର୍ ଲିଗ୍) ଇତିହାସର ଅନ୍ୟତମ ବୃହତ୍ ଆର୍ଥିକ ଦଣ୍ଡରେ ଦଣ୍ଡିତ ହୋଇଛି ଇଂଲଣ୍ଡର ପ୍ରତିଷ୍ଠିତ ଫୁଟବଲ୍ କ୍ଲବ୍ ଚେଲସି। ଲିଗର ଆର୍ଥିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଏହି କ୍ଲବକୁ ୧୩୧ କୋଟି ଟଙ୍କା ଜରିମାନା କରାଯାଇଛି। ସେହିଭଳି କ୍ଲବର ଖେଳାଳି କିଣାବିକା ଅଧିକାର ଉପରେ ଗୋଟିଏ ବର୍ଷର ବାସନ୍ଦାଦେଶ ଜାରି କରାଯାଇଛି।



୪ବର୍ଷ ତଳେ ଚେଲ୍ସି ଅଧିକାରୀମାନେ କ୍ଲବ୍ର ଆର୍ଥିକ କାରବାରରେ ବଡ଼ଧରଣର ଦୁର୍ନୀତି ହୋଇଥିବା ନିଜ ଆଡୁ ଇଂଲଣ୍ଡ ଫୁଟ୍ବଲ୍ ମହାସଂଘକୁ ଜଣାଇଥିଲେ। ତଦନ୍ତ ପରେ ୨୦୧୧ରୁ ୨୦୧୮ ମସିହା ମଧ୍ୟରେ କ୍ଲବର ମାଲିକାନା ହସ୍ତାନ୍ତରରେ ଲିଗର ପ୍ରଚଳିତ ଆର୍ଥିକ ନିୟମକୁ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଥିଲା। କ୍ଲବକୁ ଜଣେ କିଣିଥିଲେ ମଧ୍ୟ ଅନ୍ୟଜଣେ ବେଆଇନଭାବେ ପୁଞ୍ଜିନିବେଶ କରିଥିଲେ। ସେହିଭଳି କ୍ଲବ୍ର ଖେଳାଳି ତଥା ଅଣପଞ୍ଜିକୃତ ଏଜେଣ୍ଟ୍ ଓ ଅଧିକାରୀଙ୍କ ସହ କିଛି ବାହାର ଲୋକ ମଧ୍ୟ ବେଆଇନ ଭାବେ ଅର୍ଥ ନେଣଦେଣ କରିଥିଲେ। ଚେଲସି ଏହି ଦଣ୍ଡକୁ ଗ୍ରହଣ କରି ନେଇଥିବା ଜଣାପଡ଼ିଛି। ସେହିଭଳି କ୍ଲବ୍ ଆସନ୍ତା ୯ ମାସ ପର୍ଯ୍ୟନ୍ତ ଏକାଡେମୀସ୍ତରୀୟ ଖେଳାଳିଙ୍କ ସହ ଚୁକ୍ତି କରିବା ଉପରେ ମଧ୍ୟ ବାସନ୍ଦାଦେଶ ଜାରି କରାଯାଇଛି।

# ଭୁଲ୍ ହୋଇଛି ମାତ୍ର ଉଦ୍ଦେଶ୍ୟ ସ୍ୱଚ୍ଛ : ଗମ୍ଭୀର



ନୂଆଦିଲ୍ଲୀ,୧୭।୩: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଜର ଏକ ସଦ୍ୟତମ ସାକ୍ଷାତକାରରେ ବଡ ବୟାନ ଦେଇଛନ୍ତି । ସେ ସଙ୍କେତ ଦେଇଛନ୍ତି ଯେ, ତାଙ୍କ ଦ୍ୱାରା ବିରାଟ କୋହଲି, ରୋହିତ ଶର୍ମାଙ୍କ ପରି ବରିଷ୍ଠ ଖେଳାଳିଙ୍କୁ ପରିଚାଳନା କରିବାରେ ତ୍ରୁଟି ହୋଇଛି । ସେ କହିଛନ୍ତି ମଣିଷ ମାତ୍ରେ ହିଁ ଭୁଲ୍ ହୋଇଯାଏ ଏବଂ ହୋଇପାରେ ତାଙ୍କ ଦ୍ୱାରା ଭୁଲ୍ ହୋଇଛି । ମାତ୍ର ତାଙ୍କର ଉଦ୍ଦେଶ୍ୟ ସର୍ବଦା ସଚ୍ଚୋଟ ରହି ଆସିଛି ।

କୋଲକାତାରେ ରେଭସ୍ପୋର୍ଟ୍ସ କନକ୍ଲେଭରେ ଗୌତମ ଗମ୍ଭୀରଙ୍କୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ସହ ସଂପର୍କକୁ ନେଇ ପ୍ରଶ୍ନ କରାଯାଇଥିଲା ୟ କାରଣ ମିଡିଆରେ ଏହାକୁ ନେଇ ରିପୋର୍ଟ ସର୍ବଦା ପ୍ରକାଶ ପାଇ ଆସିଛି ୟ ଗମ୍ଭୀର ଏହାର ସିଧାସଳଖ ଜବାବ ଦେବା ପରିବର୍ତ୍ତେ ଦାର୍ଶନିକ ପରି ଜବାବ ରଖିଛନ୍ତି ୟ ସେ କହିଛନ୍ତି ଭୁଲ୍ ହେଉଛି କାମର ଏକ ଅଂଶ।

ଗୌତମ ଗମ୍ଭୀର କହିଛନ୍ତି, ମୁଁ ମଣିଷ ୟ ମୋ ଦ୍ୱାରା ବି ଭୁଲ୍ ହୋଇପାରେ ୟ ପ୍ରତି ବ୍ୟକ୍ତିଙ୍କ ପରି ଯେ କୌଣସି ଖେଳାଳିଙ୍କୁ ମଧ୍ୟ ଭୁଲ୍ କରିବାର ସୁଯୋଗ ମିଳିବା ଉଚି ୟ ଗତ ୧୮ ମାସରେ ମୁଁ ମଧ୍ୟ ଭୁଲ୍ କରିଛି ୟ ମୁଁ ସେହି ଭୁଲରୁ ପଳାୟନ କରେ ନାହିଁ ମାତ୍ର ମୁଁ ଏହା ଉପରେ ବିଶ୍ୱାସ କରେ ୟ ସଠିକ ଉଦ୍ଦେଶ୍ୟରେ ଭୁଲ୍ ନିଷ୍ପତ୍ତି ସ୍ୱୀକାର୍ଯ୍ୟ ୟ ମାତ୍ର ଡ୍ରେସିଂ ରୁମରେ ମନ୍ଦ ଉଦ୍ଦେଶ୍ୟରେ ଭୁଲ୍ କରିବା ନିଷ୍ପତ୍ତି ମଞ୍ଜୁର ନୁହେଁ ।ଗମ୍ଭୀର କହିଛନ୍ତି, ନିଜର କାମ ସଚ୍ଚୋଟତାର ସହ କରିବା ଏବଂ ଖେଳାଳିଙ୍କ ସହିତ ସ୍ୱଚ୍ଛ ଆଲୋଚନା କରିବା ଉପରେ ଗୁରୁତ୍ୱ ଦେଇଥାଏ ୟ ସଠିକ ଉଦ୍ଦେଶ୍ୟରେ ଠିକ୍ କରିବା ସମୟରେ ବେଳେ ବେଳେ ଭୁଲ୍ ହୋଇଯାଏ ୟ ଯେ ପର୍ଯ୍ୟନ୍ତ ମୁଁ ଡ୍ରେସିଂ ରୁମରେ ସଚ୍ଚୋଟ ରହି ପାରୁଛି, ଖେଳାଳିଙ୍କ ସହ ଆଖିରେ ଆଖି ମିଶାଇ କଥା ହୋଇ ପାରୁଛି, ତେବେ ମୁଁ ଭାବୁଛି ନିଜ ପଦରେ ମୁଁ ଠିକ୍ ଭାବେ କାମ କରୁଛି । ମୋତେ ନେଇ ସୋସିଆଲ ମିଡିଆରେ ହେଉଥିବା ସମାଲୋଚନା ଉପରେ ସଫେଇ ଦେବାର ଆବଶ୍ୟକତା ନାହିଁ ।

# ହାଇଦ୍ରାବାଦ ଅଧିନାୟକ ହେଲେ ମାର୍ନସ ଲାବୁସେନ

ନୂଆଦିଲ୍ଲୀ,୧୭।୩: ଅଷ୍ଟ୍ରେଲିଆର ଷ୍ଟାର୍ ବ୍ୟାଟର ମାର୍ନସ ଲାବୁସେନ ପ୍ରଥମ ଥର ପାଇଁ ପାକିସ୍ତାନ ସୁପର ଲିଗ (ଚଝଖ) ଖେଳିବାକୁ ଯାଉଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ପଦାର୍ପଣ ସିଜିନରେ ହିଁ ତାଙ୍କୁ ଏକ ଦଳର ନେତୃତ୍ୱ ମିଳିଛି। ପିଏସଏଲ୍ର ନୂତନ ଦଳ 'ହାଇଦ୍ରାବାଦ କିଙ୍ଗ୍ସମ୍ୟାନ' ଲାବୁସେନଙ୍କୁ ନିଜର ଅଧିନାୟକ ଭାବେ ନିଯୁକ୍ତ କରିଛି। ମଙ୍ଗଳବାର ଅପରାହ୍ନରେ ଫ୍ରାଞ୍ଚାଇଜ ପକ୍ଷରୁ ଏହି ବଡ଼ ଘୋଷଣା କରାଯାଇଛି।

ମାର୍ନସ ଲାବୁସେନ ଟେଷ୍ଟ ଏବଂ ଦିନିକିଆ କ୍ରିକେଟର ଜଣେ ଦକ୍ଷ ଖେଳାଳି ହୋଇଥିଲେ ମଧ୍ୟ ଟି-୨୦ ଫର୍ମାଟରେ ତାଙ୍କର ସେଭଳି ବଡ଼ ନାମ ନାହିଁ। ସେ ଏପର୍ଯ୍ୟନ୍ତ ମୋଟ ୫୫ଟି ଟି-୨୦ ମ୍ୟାଚ୍ ଖେଳି ୨୬.୫ ହାରରେ ୧୩୮୧ ରନ୍ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍(୧୨୬.୫) ମଧ୍ୟ ଏହି ଫର୍ମାଟ ଅନୁଯାୟୀ ସାଧାରଣ ରହିଛି।

ଫ୍ରାଞ୍ଚାଇଜ କ୍ରିକେଟରେ ସେ କେବଳ ଅଷ୍ଟ୍ରେଲିଆର 'ବିଗ ବ୍ୟାଶ ଲିଗ' ଏବଂ ଇଂଲଣ୍ଡର 'ଟି-୨୦ ବ୍ଲାଷ୍ଟ'ରେ ଅଂଶଗ୍ରହଣ କରିଛନ୍ତି। ହାଇଦ୍ରାବାଦ କିଙ୍ଗ୍ସମ୍ୟାନ ଦଳରେ ଟି-୨୦ର ବିସ୍ଫୋରକ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ ରହିଛନ୍ତି। ଏହା ସତ୍ତ୍ୱେ ଲାବୁସେନଙ୍କୁ ଅଧିନାୟକ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୁହାଯାଉଛି ଯେ, ମ୍ୟାକ୍ସୱେଲ ପୁରା ସିଜିନ ପାଇଁ ଉପଲବ୍ଧ ନ ଥାଇ ପାରନ୍ତି, କିନ୍ତୁ ଲାବୁସେନ ସମ୍ପୂର୍ଣ୍ଣ ସିଜିନ୍ ଖେଳିବା ପାଇଁ ସମ୍ମତି ଦେଇଛନ୍ତି। ସେଥିପାଇଁ ଦଳ ପରିଚାଳନା କମିଟି ଲାବୁସେନ୍ଙ୍କୁ ଉପରେ ଭରସା ପ୍ରକଟ କରିଛି।



ଲାବୁସେନ ଟେଷ୍ଟରେ ୧୧ଟି ଶତକ ଏବଂ ଦିନିକିଆରେ ୨ଟି ଶତକ ହାସଲ କରିଛନ୍ତି, କିନ୍ତୁ ଟି-୨୦ ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଏପର୍ଯ୍ୟନ୍ତ ବାକି ଅଛି। ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ପିଏସଏଲ୍ରେ ତାଙ୍କର ରଣନୀତି କିପରି ରହିବ, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

ଆଇପିଏଲ୍ ୨୦୨୫ ରେ ସନରାଇଜର୍ସ ହାଇଦ୍ରାବାଦର ପ୍ରଦର୍ଶନ ନିରାଶାଜନକ ଥିଲା। ହେଲେ ଗତ ଥରର ଖରାପ ପ୍ରଦର୍ଶନକୁ ଭୁଲି ଏସଆରଏଚ ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍ ଜିତି ଏକ ନୂତନ ଆରମ୍ଭ କରିବାକୁ ଚେଷ୍ଟା କରିବୟ ହାଇଦ୍ରାବାଦ ସିଜିନର ଉଦଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଭେଟିବୟ ଏହା ପୂର୍ବରୁ ୨୦୧୬ର ଚାମ୍ପିଅନ ଦଳ ପାଇଁ ରହିଛି ବେଡ୍ ନ୍ୟୁଜ୍।ୟ ଅଧିନାୟକ ପ୍ୟାଟ୍ କମିନ୍ସ ପ୍ରଥମ କିଛି ମ୍ୟାଚ୍ ଖେଳି ନ ପାରନ୍ତିୟ ଏମିତି ସ୍ଥିତିରେ ଅଭିଷେକ ଶର୍ମା ଅଧିନାୟକ ଭାବରେ ଦାୟିତ୍ୱ ନେବାର ସମ୍ଭାବନା ରହିଛି।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସନରାଇଜର୍ସ ହାଇଦ୍ରାବାଦର ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଓଚଖ ୨୦୨୬ ର ପ୍ରାରମ୍ଭିକ କିଛି ମ୍ୟାଚ୍ ହରାଇପାରନ୍ତି ୟ କମିନ୍ସଙ୍କୁ ଶେଷ ଥର ପାଇଁ ୨୦୨୫ ଡିସେମ୍ବରରେ ଆସେସ୍ ସିରିଜରେ ଦେଖିବାକୁ ମିଳିଥିଲା। ଏହା ପରେ ସେ ଆଘାତ ଯୋଗୁଁ ଆସେସ୍ ସିରିଜର ବାକି ମ୍ୟାଚ୍ ଖେଳି ପାରି ନ ଥିଲେ। ଏପରିକି ଆହତ କାରଣରୁ ଟି-୨୦ ବିଶ୍ୱକପ୍ ଖେଳି ପାରି ନ ଥିଲେ ପାଟ୍ କମିନ୍ସ।ରିପୋର୍ଟ ଅନୁଯାୟୀ, କମିନ୍ସ ବର୍ତ୍ତମାନ ଆଘାତଜନିତ ସମସ୍ୟାରୁ ମୁକୁଳୁଛନ୍ତି।ଯଦି ସେ ଝଜୀ ପାଇଁ ପ୍ରଥମ କିଛି ମ୍ୟାଚ୍ ଖେଳି ନ ପାରନ୍ତି ତେବେ ଅଭିଷେକ ଶର୍ମା ଦଳର ଅଧିନାୟକ ହେବାର ଆଶା ରହିଛି। ଏ ସମ୍ପର୍କରେ ଅଭିଷେକ ଶର୍ମା କିମ୍ବା ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଏପର୍ଯ୍ୟନ୍ତ ଓଚଖ ୨୦୨୬ ପାଇଁ କେବଳ ୨୦ ମ୍ୟାଚ୍ର କାର୍ଯ୍ୟସୂଚୀ ପ୍ରକାଶ କରିଛିୟ ହାଇଦ୍ରାବାଦର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨୮ରେ ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳି। ଏହା ଆଇପିଏଲ୍ ୨୦୨୬ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ହେବ। ୨୮ ମାର୍ଚ୍ଚ - ସନରାଇଜର୍ସ ହାଇଦ୍ରାବାଦ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର - ବେଙ୍ଗାଲୁରୁ।୨ ଏପ୍ରିଲ - ସନରାଇଜର୍ସ ହାଇଦ୍ରାବାଦ ବନାମ କୋଲକାତା ନାଇଟ୍ ରାଇଡର୍ସ - କୋଲକାତା।୫ ଏପ୍ରିଲ - ସନରାଇଜର୍ସ ହାଇଦ୍ରାବାଦ ବନାମ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ - ହାଇଦ୍ରାବାଦ। ୧୧ ଏପ୍ରିଲ - ସନରାଇଜର୍ସ ହାଇଦ୍ରାବାଦ ବନାମ ପଞ୍ଜାବ କିଙ୍ଗ୍ସ - ନ୍ୟୁ ଚଣ୍ଡିଗଡ଼। ସନରାଇଜର୍ସ ହାଇଦ୍ରାବାଦ ଶେଷ ଥର ୨୦୨୪ ସିଜିନର ଫାଇନାଲରେ ପହଞ୍ଚିଥିଲା। ଉକ୍ତ ଟାଇଟଲ୍ ମ୍ୟାଚରେ ୮ ୱିକେଟ୍ରେ କୋଲକାତା ନାଇଟ୍ ରାଇଡର୍ସଠାରୁ ହାରିଥିଲା ଦଳୟ ସେହି ସିଜିନରେ, SRHର ବ୍ୟାଟିଂ ବିପର୍ଯ୍ୟର ଶିକାର ହୋଇଥିଲା।

# ବାଂଲାଦେଶ-ପାକ୍ ମ୍ୟାଚରେ ପୁଣି ବିବାଦ

ମୀରପୁର,୧୭।୩: ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଅ। ସିରିଜ୍ର ଶେଷ ମ୍ୟାଚ୍ ମୀରପୁରସ୍ଥିତ ଶେର-ଏ-ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିଲା। ମାର୍ଚ୍ଚ ୧୫ ତାରିଖରେ ହୋଇଥିବା ଏହି ହାଇ-ଭୋଲଟେଜ୍ ମ୍ୟାଚ୍ରେ ବାଂଲାଦେଶ ଦଳ ପାକିସ୍ତାନକୁ ୧୧ ରନ୍ରେ ପରାସ୍ତ କରି ସିରିଜ୍ ୨-୧ରେ ଜିତିଥିଲା।

ବାଂଲାଦେଶ ୧୧ ବର୍ଷ ପରେ ପାକିସ୍ତାନ ବିପକ୍ଷ ଦିନିକିଅ। ସିରିଜ୍ ଜିତିଥିଲାୟ କିନ୍ତୁ ମ୍ୟାଚ୍ର ଶେଷ ଓଭରରେ ଡିଆରଏସ୍ ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଥିଲାୟ ରିପୋର୍ଟ ଅନୁଯାୟୀ, ପରାଜୟ ପରେ ପାକିସ୍ତାନ ଦଳ ଆଇସିସି ମ୍ୟାଚ୍ ରେଫରି ନିଆମୁର ରସିଦଙ୍କ ନିକଟରେ ଏହି ସମ୍ପର୍କରେ ଏକ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିଥିଲାୟ ପୂର୍ବରୁ, ଦିନିକିଅ। ସିରିଜ୍ର ପ୍ରଥମ ମ୍ୟାଚ୍ରେ ସଲମାନ ଅଲି ଆଗାଙ୍କୁ ବାଂଲାଦେଶୀ ଅଧିନାୟକ ମେହିଦି ହାସନ୍ ମିରାଜ ରନ୍ ଆଉଟ୍ କରିଥିଲେ, ଯାହା ବହୁତ ହଙ୍ଗାମା କରିଥିଲା।

ପାକିସ୍ତାନୀ ଦଳ ଅଭିଯୋଗ କରିଛି ଯେ ତୃତୀୟ ଦିନିକିଆର ଶେଷ ଓଭରରେ ବାଂଲାଦେଶକୁ ଅନୁପଯୁକ୍ତ ଭାବରେ ସମୀକ୍ଷା ନେବାକୁ ଅନୁମତି ଦିଆଯାଇଥିଲା। ପାକିସ୍ତାନ ଇନିଂସ୍ର ଶେଷ ଓଭରର ପଞ୍ଚମ ବଲରେ ଏହି ଘଟଣା ଘଟିଥିଲା। ବାଂଲାଦେଶୀ ସ୍ପିନର ରିଶାଦ ହୁସେନ ବୋଲିଂ କରୁଥିଲେ ଏବଂ ପାକିସ୍ତାନୀ ଅଧିନାୟକ ଶାହିନ ଶାହ ଆଫ୍ରିଦି ତାଙ୍କ ସାମ୍ନା କରୁଥିଲେ। ଶ୍ରୀଲଙ୍କାର ଅମ୍ପାୟାର କୁମାର ଧର୍ମସେନା ବଲକୁ ୱାଇଡ୍ ଘୋଷଣା କରିଥିଲେ, କିନ୍ତୁ ବାଂଲାଦେଶର ୱିକେଟକିପର ଲିଟନ ଦାସ ଏବଂ ବୋଲର ବିଶ୍ୱାସ କରିଥିଲେ ଯେ ବ୍ୟାଟସମ୍ୟାନ୍ ଏଲବିଡବ୍ଲ୍ୟୁ ହେବାର ସମ୍ଭାବନା ଅଛି। ପରେ ବାଂଲାଦେଶ ଏକ ସମୀକ୍ଷା ନେଇଥିଲେ, ଯାହାକୁ ଅମ୍ପାୟାର ଗ୍ରହଣ କରିଥିଲେ। ପାକିସ୍ତାନ ଯୁକ୍ତି ଦେଇଥିଲା ଯେ ଏକ ୱାଇଡ୍ ନିଷ୍ପତ୍ତିରେ ସମୀକ୍ଷା ନିଆଯାଇପାରିବ ନାହିଁ, ଏବଂ ଜାଏଣ୍ଟ ସ୍କ୍ରିନରେ ରିପ୍ଲେ ଦେଖିବା ପରେ ବାଂଲାଦେଶ ସମୀକ୍ଷା କରିଥିଲା। ରିଭ୍ୟୁ ନେବା ପାଇଁ ୧୫ ସେକେଣ୍ଡ ସମୟ ସୀମା ଅତିକ୍ରମ କରିଯାଇଥିବାରୁ ପାକିସ୍ତାନୀ ଦଳ ମଧ୍ୟ ବିରକ୍ତ। ତଥାପି, ଟିଭି ପ୍ରସାରଣରେ କୌଣସି ଟାଇମର ଦେଖାଯାଇ ନଥିଲା, ତେଣୁ ସମୀକ୍ଷା ଠିକ୍ ସମୟରେ ନିଆଯାଇଛି କି ନାହିଁ ତାହା ନିଶ୍ଚିତ କରାଯାଇ ପାରିଲା ନାହିଁ।

# ପାକିସ୍ତାନ ଉପରେ ବର୍ଷିଲେ ରସିଦ

କାବୁଲ,୧୭।୩: ପାକିସ୍ତାନ ପୁଣି ଥରେ ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରିଛି। ଏହି ବିମାନ ଆକ୍ରମଣ ମାଧ୍ୟମରେ ପାକିସ୍ତାନ ଆଫଗାନିସ୍ତାନର କାବୁଲରେ ଧ୍ୱଂସଲୀଳା ସୃଷ୍ଟି କରିଛି। ଏହି ଆକ୍ରମଣରେ ପ୍ରାୟ ୪୦୦ ଆଫଗାନ ପ୍ରାଣ ହରାଇଛନ୍ତି। ଏହି ବିମାନ ଆକ୍ରମଣ ଫଳରେ ଆଫଗାନିସ୍ତାନକୁ ବହୁତ କ୍ଷତି ସହିବାକୁ ପଡିଛି। ପାକିସ୍ତାନର ଏହି ଆକ୍ରମଣ ପରେ, ଆଫଗାନିସ୍ତାନ ସ୍ପିନର ରଶିଦ ଖାନଙ୍କ ସମେତ ଅନେକ ଖେଳାଳି ସେମାନଙ୍କର ଦୁଃଖ ପ୍ରକାଶ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଏହି ବିମାନ ଆକ୍ରମଣ କରି ପାକିସ୍ତାନ ନିରୀହ ସାଧାରଣ ଲୋକଙ୍କ ଜୀବନ ନେଇଛି।



ରଶିଦ ଖାନ ବିମାନ ଆକ୍ରମଣ ଖବର ଶୁଣି ସ୍ପଷ୍ଟ ଭାବରେ ବ୍ୟଥିତ ଦେଖାଯାଉଥିଲେୟ ସେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଏକ୍ସରେ ସେ ଲେଖିଛନ୍ତି, ପାକିସ୍ତାନ ବିମାନ ଆକ୍ରମଣ ଫଳରେ କାବୁଲରେ ସାଧାରଣ ଲୋକଙ୍କ ଜୀବନହାନୀରେ ମୁଁ ଗଭୀର ଦୁଃଖିତୟ ଜାଣିଶୁଣି କିମ୍ବା ଅଜାଣତରେ ଲୋକଙ୍କ ଘର, ସ୍କୁଲ ଏବଂ ହସ୍ପିଟାଲକୁ ଟାର୍ଗେଟ କରିବା ଅତ୍ୟନ୍ତ ଭୁଲୟ ପବିତ୍ର ରମଜାନ ମାସରେ ଏପରି କାର୍ଯ୍ୟ ବିଶେଷ ଭାବରେ ଦୁଃଖଦାୟକ।ଆଫଗାନିସ୍ତାନ ସ୍ପିନର ଆହୁରି ଲେଖିଛନ୍ତି ଯେ, ଏହି ସଂଘର୍ଷ କେବଳ ଘୃଣାକୁ ପ୍ରୋତ୍ସାହିତ କରିବ। ମୁଁ ଜାତିସଂଘ ଏବଂ ମାନବାଧିକାର ସଂଗଠନଗୁଡ଼ିକୁ ଏହି ଘଟଣାର ତଦନ୍ତ କରିବାକୁ ଏବଂ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରୁଛି। ଏହି କଷ୍ଟକର ସମୟରେ ମୁଁ ମୋର ସାଥୀ ଆଫଗାନିସ୍ତାନମାନଙ୍କ ସହିତ ଏକତାରେ ଠିଆ ହୋଇଛି। ଆମେ ଏହି ଦୁଃଖର ସମୟରୁ ବାହାରି ଆସିବୁ ଏବଂ ଏକ ରାଷ୍ଟ୍ର ଭାବରେ ପୁଣି ଥରେ ଆଗକୁ ବଢ଼ିବୁ। ଆମେ ସବୁବେଳେ କରିଛୁ।

ରଶିଦ ଖାନଙ୍କ ବ୍ୟତୀତ ଅନ୍ୟ ଆଫଗାନିସ୍ତାନ କ୍ରିକେଟରମାନେ ମଧ୍ୟ ଏହି ପାକିସ୍ତାନୀ ବିମାନ ଆକ୍ରମଣ ଉପରେ ଦୁଃଖ ପ୍ରକାଶ କରିଛନ୍ତି। ଏକ୍ସରେ ପୋଷ୍ଟ କରି, ମହମ୍ମଦ ନବି ପାକିସ୍ତାନର ବିମାନ ଆକ୍ରମଣକୁ ନିନ୍ଦା କରିଛନ୍ତି।ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ବହୁତ ସମୟ ଧରି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଜାରି ରହିଛି। ଗତ କିଛି ଦିନ ଧରି ଆକ୍ରମଣର ଏକ ଚକ୍ର ଆରମ୍ଭ ହୋଇଛି - କେତେବେଳେ ଆଫଗାନିସ୍ତାନ ପାକିସ୍ତାନ ଉପରେ ଆକ୍ରମଣ କରୁଛି ତ ଆଉ କେତେବେଳେ ପାକିସ୍ତାନ ଆଫଗାନିସ୍ତାନ ଉପରେ ଆକ୍ରମଣ କରୁଛି। ଏହା ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି କରିଛି।

# ସ୍ପଟ୍ ଫିକ୍ସିଂର ସନ୍ଦେହ ଘେରରେ ପାକିସ୍ତାନୀ ବୋଲର୍

ଲାହୋର,୧୭।୩: କ୍ରିକେଟ ଇତିହାସର ସବୁଠାରୁ ଲମ୍ବା ତଥା ବିଚଳିତ କରିବା ଭଳି ନୋ ବଲ ପକାଇଛନ୍ତି ପାକିସ୍ତାନର ଦ୍ରୁତ ବୋଲର ଅସଦ ଅଖତର। ସେ କ୍ରିଜ ଠାରୁ ପ୍ରାୟ ହାତେ ଆଗକୁ ଯାଇ ଗୋଟିଏ ବଲ ପକାଇବାର ଭିଡିଓ ସାମ୍ନାକୁ ଆସିବା ପରେ ବିବାଦ ଦେଖା ଯାଇଛି। ସମ୍ଭବତଃ ଏହି ପାକିସ୍ତାନୀ ବୋଲର ଜଣଙ୍କ ସ୍ପଟ ଫିକ୍ସିଂ କରିଥିବା ସନ୍ଦେହ ପ୍ରକାଶ ପାଇଛି। ଟଙ୍କା ପାଇଁ ସେ ବୋଲିଂ କ୍ରିଜକୁ ଜାଣିଶୁଣି ଅତିକ୍ରମ କରିଥିବା ଚର୍ଚ୍ଚା ହେଉଛି। ଗୋଟିଏ ଜାତୀୟ ସ୍ତରର ଟି-୨୦ କପ ମ୍ୟାଚ୍ରେ ପୂରା ଘଟଣା ଘଟିଛି। ପାକିସ୍ତାନର ଘରୋଇ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭାବେ ଏହା ପରିଚିତ।

# ବାପା ହେବାକୁ ଯାଉଛନ୍ତି ସୂର୍ଯ୍ୟକୁମାର ଯାଦବ

ମୁମ୍ବାଇ, ୧୭/୩: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ସହ ବ୍ୟକ୍ତିଗତ ଜୀବନର ଆଉ ଏକ ବଡ଼ ଶୁଭଖବର ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଉଲ୍ଲସିତ କରିଛି। କ୍ରିକେଟ୍ ପଡ଼ିଆରେ ବଡ଼ବଡ଼ ସଟ୍ ଖେଳିବା ଲାଗି ପରିଚିତ ସୂର୍ଯ୍ୟ ଖୁବଶୀଘ୍ର ବାପା ହେବାକୁ ଯାଉଛନ୍ତି। ଆଉ ମାତ୍ର ଦିନ କେଇଟା ପରେ ସୂର୍ଯ୍ୟ ଓ ତାଙ୍କ ପତ୍ନୀ ଦେବୀଶା ନିଜ ପ୍ରଥମ ସନ୍ତାନ ପିତାମାତା ହେବେ। ଗତ ଶନିବାର ଏଥିଲାଗି ୭ ମାସିଆ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟଙ୍କ ପରିବାର ଓ ନିକଟତମ ବନ୍ଧୁବର୍ଗ ଉପସ୍ଥିତ ରହି ଦେବୀଶା ଓ ତାଙ୍କ ଗର୍ଭରେ ବୃଥିବା ସନ୍ତାନର ଶୁଭ ମାନସି ଥିଲେ। ବିବାହର ୧୦ବର୍ଷ ପରେ ଏଭଳି ଏକ ଖୁସି ଖବର ପାଇଥିବାରୁ ଉଭୟ ଏବେ ଜୀବନର ଏହି ସୁଃଖଦ ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଛନ୍ତି। ପ୍ରକାଶ ଥାଉ କି ସୂର୍ଯ୍ୟ ଓ ଦେବୀଶା ୭ ଜୁଲାଇ ୨୦୧୬ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେୟ ସେବେଠାରୁ ଦେବୀଶାଙ୍କୁ ସବୁବେଳେ ସୂର୍ଯ୍ୟଙ୍କ ପାଖେପାଖେ ରହିଆସିଛନ୍ତି। ଦେବୀଶାଙ୍କ ବେବି ସାୱାର (୭-୮ ମାସ ବେଳେ ହେଉଥିବା ଏକ ବିଧି)ର ଏକ ସୁନ୍ଦର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଉତ୍ତର ପଶ୍ଚିମ ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଆୟୋଜିତ ଏହିଉତ୍ସବରେ ଯାଦବ ଦମ୍ପତି ଏକାଠି ପହଞ୍ଚି ପରିବାର ଏବଂ ବନ୍ଧୁମାନଙ୍କ ସହିତ ଏହି ମୁହୂର୍ତ୍ତକୁ ବାଣ୍ଟୁଥିବା ଦେଖାଯାଉଛି। ହେଲେ ଦେବୀଶା ଓ ସ୍କାଏ ଏପର୍ଯ୍ୟନ୍ତ ସେମାନଙ୍କର ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଏହିଖବର ଘୋଷଣା କରିନାହାନ୍ତି।

# ଆରସିବିକୁ କିଣିବାକୁ କ୍ରେତାଙ୍କ ଧାଡ଼ି

ବେଙ୍ଗାଲୁରୁ, ୧୭।୩: ଅଠର ବର୍ଷ ପରେ ଆଇପିଏଲ୍ ବିଜେତା ହୋଇଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ବିକ୍ରି ହେବ। ଏହି ଚର୍ଚ୍ଚା ଢେର କିଛି ଦିନ ହେବ ହେଉଛି। ସମାନ୍ତରାଳ ଭାବେ ଏହି ଦଳକୁ କିଣିବା ଲାଗି କ୍ରେତାଙ୍କ ଲମ୍ବା ଧାଡ଼ି ମଧ୍ୟ ଦେଖିବାକୁ ମିଳୁଛି। ତେବେ କେବେ ବିକ୍ରି ହେବ ସେନେଇ ଏବେ କଳ୍ପନାଜଳ୍ପନା ଜାରି ରହିଛି।ପୂର୍ବରୁ ଇଂଲଣ୍ଡର ପ୍ରତିଷ୍ଠିତ ଫୁଟ୍ବଲ୍ କ୍ଲବ୍ ମାଞ୍ଚେଷ୍ଟର୍ ୟୁନାଇଟେଡର ସହ ମାଲିକ ଅଭ୍ରାମ ଗ୍ଲେଜର୍ଙ୍କ ମାଲିକାନାରେ ଥିବା ଲାନସର୍ କ୍ୟାପିଟାଲ୍ସ ଏହି ଦଳକୁ କିଣିବାକୁ ବିଡ୍ ଦାଖଲ କରିଥିଲା। ଏବେ ମଣିପାଲ ହସ୍ପିଟାଲର ଡ. ରଞ୍ଜନ ପାଇ, ଆମେରିକୀୟ କଂପାନି କେକେଆର୍ ଏବଂ ସିଙ୍ଗାପୁରର ପୁଞ୍ଜିନିବେଶକାରୀ ସଂସ୍ଥା ଟେମାସେକ୍ ମିଳିତ ଭାବେ ଆରସିବିକୁ କିଣିବାକୁ ପ୍ରସ୍ତାବ ଦେଇଛନ୍ତି।ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ସ୍ୱିଡେନର ଘରୋଇ କଂପାନି ଇକ୍ୟୁଟି ଏବଂ ୱିପ୍ରୋ କଂପାନିର ଅଜିମ୍ ପ୍ରେମଜୀଙ୍କ ପ୍ରେମଜୀ ଇନଭେଷ୍ଟ୍ ପ୍ରମୁଖ। କ୍ରେତାଙ୍କ ସଂଖ୍ୟା ବଢ଼ିବା ସହ ଆର୍ସିବିର ଦର ମଧ୍ୟ ବଢ଼ିବଢ଼ି ଚାଲିଛି। ପୂର୍ବରୁ ଏହା ୧୦ରୁ ୧୫ ହଜାର କୋଟି ଟଙ୍କାରେ ବିକ୍ରି ହେବ ବୋଲି ଆକଳନ କରାଯାଉଥିଲା। ଏବେ କିନ୍ତୁ ଏହାର ବଜାର ମୂଲ୍ୟ ୧୮ ହଜାର କୋଟି ଟଙ୍କା ଟପିଯିବ ବୋଲି ଆଶା କରାଯାଉଛି। ପୂର୍ବରୁ କୋଭିଡ୍ ଟୀକା ଉତ୍ପାଦନ ପାଇଁ ପ୍ରସିଦ୍ଧ ଭାରତୀୟ କଂପାନି ସେରମ୍ ଇନଷ୍ଟିଚ୍ୟୁଟ୍ ମଧ୍ୟ ଆରସିବିକୁ କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଆରସିବିର ଏବେକାର ମାଲିକ ୟୁନାଇଟେଡ୍ ସ୍ପିରିଟ୍ ଗତ ନଭେମ୍ବର ମାସରୁ ଆରସିବିକୁ ବିକ୍ରି କରିବାକୁ ସଙ୍କେତ ଦେଇ ସାରିଛି।



# ନ୍ୟୁଜିଲ୍ୟାଣ୍ଡ ପରେ ଦକ୍ଷିଣ ଆଫ୍ରିକାରେ ଆହତ ସମସ୍ୟା



ନୂଆଦିଲ୍ଲୀ,୧୭।୩: ଦକ୍ଷିଣ ଆଫ୍ରିକା ଟିମ୍ ବର୍ତ୍ତମାନ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ପାଇଁ ନ୍ୟୁଜିଲ୍ୟାଣ୍ଡ ଗସ୍ତ କରୁଛି। ଦୁଇ ଦଳ ମଧ୍ୟରେ ସିରିଜର ଦ୍ୱିତୀୟ ଟି-୨୦ ମ୍ୟାଚ୍ ହାମିଲଟନରେ ଖେଳାଯିବ। ଏହି ମ୍ୟାଚ୍ ପୂର୍ବରୁ, ଉଭୟ ଦଳ କିଛି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ନ୍ୟୁଜିଲ୍ୟାଣ୍ଡର ଦୁଇ ଜଣ ଖେଳାଳି ପୂର୍ବରୁ ସିରିଜରୁ ବାଦ ପଡ଼ିଛନ୍ତି। ଏବେ ଦକ୍ଷିଣ ଆଫ୍ରିକା ମଧ୍ୟ ଏକ ଝଟକା ପାଇଛି, କାରଣ ସେମାନଙ୍କର ଜଣେ ବ୍ୟାଟସମ୍ୟାନ୍ ସମ୍ପୂର୍ଣ୍ଣ ସିରିଜରୁ ବାଦ ପଡ଼ିଛନ୍ତି।ଦକ୍ଷିଣ ଆଫ୍ରିକାର ବ୍ୟାଟ୍ସମ୍ୟାନ ଜୋର୍ଡାନ ହର୍ମନଙ୍କ ଡାହାଣ ହାମଷ୍ଟ୍ରିଙ୍ଗ୍ ଆଘାତ ଯୋଗୁଁ ନ୍ୟୁଜିଲାଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ବାକି ମ୍ୟାଚ୍ ରୁ ବାଦ ପଡ଼ିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁ କରୁଥିବା ହର୍ମନ ରବିବାର ମାଉଣ୍ଟ ମାଉଙ୍ଗାନୁଇର ବେ ଓଭାଲରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍ ସମୟରେ ଫିଲ୍ଡିଂ କରୁଥିବା ସମୟରେ ଆଘାତ ପାଇଥିଲେ । ଯାହା ପରେ ସେ ମ୍ୟାଚ୍ ରେ ଆଉ କୌଣସି ଅଂଶଗ୍ରହଣ କରିପାରି ନଥିଲେୟ ଦକ୍ଷିଣ ଆଫ୍ରିକା ଦଳରେ ହର୍ମନଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ ।ଜୋର୍ଡାନ ହର୍ମନଙ୍କ କଥା କହିବାକୁ ଗଲେ, ସେ ଶେଷ ମ୍ୟାଚ୍ ରେ ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁ କରିଥିଲେୟ ତଥାପି, ତାଙ୍କୁ ସେହି ମ୍ୟାଚରେ ବ୍ୟାଟିଂ କରିବାର ସୁଯୋଗ ମିଳିନଥିଲା। ସେହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ଦକ୍ଷିଣ ଆଫ୍ରିକା ପାଇଁ ୯୨ରନର ଟାର୍ଗେଟ ଦେଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ